## ସଂକ୍ଷେପରେ

### ଚାଷୀଙ୍କୁ ସରକାରୀ ସୁବିଧା ଯୋଗାଣ ଉପରେ ଗୁରୁତ୍ୱ

**ଛେଣ୍ଡିପଦା,୨୩।୮(ଡି.ଏନ.ଏ.):** ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ସେବା ସମବାୟ ସମିତି ଆନୁକୂଲ୍ୟରେ ସମବାୟ ଆପଣଙ୍କ ଦ୍ୱାରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମିତି ସମ୍ପାଦକ ସରୋଜ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି ଲମ୍ବୋଦର ସାହୁ ଅଧକ୍ଷତା କରିଥିଲେ। ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ଛେଣ୍ଡିପଦା ଶାଖା ସୁପରଭାଇଜର ମନଜିତ କୁମାର ମହାନ୍ତି ଯୋଗଦେଇ ସମବାୟ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନା ଉପରେ ଆଲୋଚନା କରିବା ସହ ଏହାର ସୁବିଧା ସମସ୍ତ ଚାଷୀଙ୍କ ଉପରେ ପହଞ୍ଚାଥବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ଚାଷୀ ସିଧା ସଳଖ ସମିତି କର୍ମଚାରୀଙ୍କ ମଧ୍ୟରେ ସମ୍ପର୍କ ରକ୍ଷା କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ସମିତି ନିର୍ଦ୍ଦେଶକ ପ୍ରଶାନ୍ତ ପ୍ରଧାନ, ସନାତନ ସାହୁ, ଶତ୍ରୁଘ୍ନ ସାହୁ, ପବିତ୍ର ସାହୁ, ଦୟାନିଧି ସାହୁଙ୍କ ସମେତ ସମସ୍ତ ଚାଷୀ ତଥା ମହିଳା ଗୋଷ୍ଠୀ ସଦସ୍ୟା ଯୋଗ ଦେଇଥିଲେ। ସେହିପରି ତୁକୁଡା ସେବା ସମବାୟ ସମିତି ପକ୍ଷରୁ ସମବାୟ ଆପଣଙ୍କ ଦ୍ୱାରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମିତି ସଭାପତି ପ୍ରତାପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରବୋଧ କୁମାର ସାହୁ, ବ୍ୟାଙ୍କ ସୁପରଭାଇଜର ମନଜିତ କୁମାର ମହାନ୍ତି ଯୋଗ ଦେଇଥିଲେ। ସମସ୍ତ ନିର୍ଦ୍ଦେଶକ, ସଭ୍ୟଚାଷୀ ତଥା ମହିଳା ଗୋଷ୍ଠୀ ସଦସ୍ୟା ଉପସ୍ଥିତ ଥିଲେ।

### ମା' କାଳୁଣୀଙ୍କ ବାର୍ଷିକ ଯାତ୍ରା

**ଛେଣ୍ଡିପଦା,୨୩।୮(ଡି.ଏନ.ଏ.)** ଜରପଡା ଥାନା ଜରଡା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' କାଳୁଣୀଙ୍କ ବାର୍ଷିକ ଯାତ୍ରା ୩୧ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଯାତ୍ରା ପରିଚାଳନା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂଜାନୀତି ସହ ଶ୍ରଦ୍ଧାଳୁ ଏବଂ ଯାତ୍ରୀମାନଙ୍କ ସକାଶେ ସମସ୍ତ ବନ୍ଦୋବସ୍ତ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଗ୍ରାମ ସଭାପତି ବେଣୁଧର ପ୍ରଧାନ, ସମ୍ପାଦକ ରମାକାନ୍ତ ସିଂ, କୋଷାଧ୍ୟକ୍ଷ ଦୁର୍ଯ୍ୟୋଧନ ପ୍ରଧାନ, ସରପଞ୍ଚ ସୁଜାତା ପ୍ରଧାନ, ସମିତି ସଭ୍ୟା ସରୋଜିନୀ ଦେହୁରୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।

### ଜଙ୍ଗଲରେ ଛଡ଼ାଗଲା ୨ ଉଦ୍ଧାର ନାଗ

**ଛେଣ୍ଡିପଦା,୨୩।୮(ସ୍ୱ.ପ୍ର.)** ଛେଣ୍ଡିପଦା ବ୍ଲକ ବାଗଡିଆ ଗ୍ରାମର ସ୍ନେକ ହେଲ୍ପ ଲାଇନର ସଦସ୍ୟ ହିମାଂଶୁ ଶେଖର ଦେହୁରୀ ମଙ୍ଗଳବାର ସନ୍ଧ୍ୟାରେ ଏକ ନାଗ ସାପକୁ ବ୍ରଜବନ୍ଧୁ ସାହୁଙ୍କ ଗୁହାଳରୁ ଉଦ୍ଧାର କରିଛନ୍ତି। ପରେ ଏହାକୁ ଜଙ୍ଗଲରେ ଛାଡି ଦିଆଯାଇଛି। ସାପଟି ଏକ ଛେଳିକୁ କାମୁଡି ଦେବା ଫଳରେ ତାର ମୃତ୍ୟୁ ହୋଇଥିଲା। ପରେ ଏହା ଗୁହାଳ ଭିତରେ ଲୁଚି ରହିଥିଲା। ଏହାର ଲମ୍ବ ୩ ଫୁଟ ହେବ ବୋଲି ଜଣାପଡିଛି। ସେହିପରି ଛେଣ୍ଡିପଦା ବ୍ଲକ ବ୍ରାହ୍ମଣବିଲ ଗ୍ରାମ ବନ୍ଧସାହିର ଜ୍ୟୋର୍ତିମୟୀ ସାହୁଙ୍କ କୂଅ ମଧ୍ୟରୁ ୪ ଫୁଟର ନାଗ ସାପ ଉଦ୍ଧାର କରାଯାଇଛି। ଏହାକୁ ଛେଣ୍ଡିପଦା ଜଙ୍ଗଲରେ ଛାଡି ଦିଆଯାଇଛି।

## ■ ଶୀତଳୀକରଣ କେନ୍ଦ୍ରରେ ନାହିଁ ପର୍ଯ୍ୟାପ୍ତ କ୍ଷମତା

# ଅନୁଗୋଳ ପଠାଯାଉଛି ବାସି କ୍ଷୀର

- ■ଓମ୍‌ଫେଡର ଲାଭଖୋର ମନୋବୃତ୍ତି
- ■୧୮ ବର୍ଷ ପରେ ବଦଳିନି ଚିତ୍ର
- ■ଏବେ ବି ଚାଲିଛି ତହସିଲ କାର୍ଯ୍ୟାଳୟର ଭଙ୍ଗା କ୍ୱାର୍ଟରରେ

**ଆଠମଲ୍ଲିକ, ୨୩।୮(ଡି.ଏନ.ଏ.)** ଦୈନିକ ଦୁଗ୍ଧ ଚାଷୀଙ୍କଠାରୁ ସଂଗୃହୀତ ହେଉଛି ହଜାର ହଜାର ଲିଟର କ୍ଷୀର। ହେଲେ ଏହାକୁ ପ୍ରକ୍ରିୟାକରଣ ପାଇଁ ଆଠମଲ୍ଲିକ ଶୀତଳୀକରଣ କେନ୍ଦ୍ରର ନାହିଁ ପର୍ଯ୍ୟାପ୍ତ କ୍ଷମତା। ଫଳରେ ବଳି ପଡୁଥିବା କ୍ଷୀରକୁ ଦିନଟିଏ ପରେ ପଠାଯାଉଛି ଅନୁଗୋଳ। ଓମ୍‌ଫେଡର ଲାଭଖୋର ମନୋବୃତ୍ତି ଯୋଗୁ ଦୀର୍ଘ ୧୮ ବର୍ଷ ପରେ ବି ଆଠମଲ୍ଲିକ ଶୀତଳୀକରଣ କେନ୍ଦ୍ର ଏପରି ଅବ୍ୟବସ୍ଥାରେ ଚାଲିବା ନେଇ ଅସନ୍ତୋଷ ଦେଖାଦେଇଛି।

ସୂଚନାଯୋଗ୍ୟ, ଆଠମଲ୍ଲିକ ସହର ସମେତ ଏହି ବ୍ଲକର ଅଏଡା ଗ୍ରାମରେ ଓମଫେଡ୍ ପକ୍ଷରୁ ୨ଟି ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ସ୍ଥାପନ ହୋଇଛି। ଆଠମଲ୍ଲିକରେ ୧୯୯୯ରେ ତତ୍କାଳୀନ ମନ୍ତ୍ରୀ ଅମରନାଥ ପ୍ରଧାନଙ୍କ ଉଦ୍ୟମରେ ଏହି କେନ୍ଦ୍ର ସ୍ଥାପନ ହୋଇଥିଲା। ଏହାର କ୍ଷୀର ଧାରଣ କ୍ଷମତା ୧୨ ଶହ ଲିଟର ରହିଥିଲା। ମାତ୍ର ସମୟ କ୍ରମେ ଏଠାରେ କ୍ଷୀର ସଂଗ୍ରହରେ ବୃଦ୍ଧି ଘଟି ୨ହଜାରରୁ ଊର୍ଦ୍ଧ୍ୱ ଲିଟରରେ ପହଞ୍ଚିଛି। ସେହିପରି ଅଏଡାର କ୍ଷୀର ଧାରଣ କ୍ଷମତା ୬୫୦ ଲିଟର ବୋଲି ଜଣାପଡିଛି। ଆଠମଲ୍ଲିକ ସମେତ ଏହି ବ୍ଲକର ବିଭିନ୍ନ ସ୍ଥାନରୁ କ୍ଷୀର ସଂଗ୍ରହ କରାଯାଇ ଅନୁଗୋଳକୁ ପଠାଯାଇଥାଏ। ହେଲେ ଏହି ଶୀତଳୀକରଣ କେନ୍ଦ୍ରର କ୍ଷମତା ଅଧିକ ହୋଇ ନ ଥିବାରୁ ସମସ୍ତ କ୍ଷୀର ପ୍ରକ୍ରିୟାକରଣ ହୋଇପାରୁନାହିଁ। ଫଳରେ କେବଳ ଆଠମଲ୍ଲିକ ପ୍ଲାଣ୍ଟରେ ୮ଶହ ଲିଟର କ୍ଷୀର ବଳକା ରହିଯାଉଛି। ଏହି କ୍ଷୀରକୁ ଗୋଟିଏ ଦିନ ପରେ ଶୀତଳୀକରଣ କରାଯାଇ ଅନୁଗୋଳ ପଠାଯାଉଛି। ଅନ୍ୟପକ୍ଷରେ ଏହି ପ୍ଲାଣ୍ଟ ନିର୍ମାଣକୁ ୧୮ ବର୍ଷ ବିତିଥିଲେ ମଧ୍ୟ ଏହାର ନିଜସ୍ୱ ଜମି ଓ ଗୃହ ନ ଥିବା ଜଣାପଡିଛି। ତହସିଲ ବିଭାଗର ଏକ ଭଙ୍ଗାରୁଜା କ୍ୱାର୍ଟରରେ ଏହି କେନ୍ଦ୍ର ଚାଲିଛି। ବର୍ଷା ହୋଲ କ୍ୱାର୍ଟରରେ ପାଣି ଗଳି ଚଟାଣ ନଷ୍ଟ ହୋଇଯାଉଛି। ସମସ୍ୟା ସମ୍ପର୍କରେ ଆଠମଲ୍ଲିକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବର୍ତ୍ତମାନର ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ କର୍ଣ୍ଣ ବହୁବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ଓମ୍‌ଫେଡ୍ ପକ୍ଷରୁ ଗୋରୁଙ୍କ ପାଇଁ ପୂର୍ବରୁ ଫାଟୁଆ ଓ ଅନ୍ୟାନ୍ୟ ରୋଗ ପାଇଁ ମାଗଣାରେ ଔଷଧ ଯୋଗାଇ ଦିଆଯାଉଥିବା ବେଳେ ବର୍ତ୍ତମାନ ଏହାକୁ ବନ୍ଦ କରି ଦିଆଯାଇଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ୟୁନିଟ୍ ଇନ୍‌ଚାର୍ଜ ପ୍ରେମାକାନ୍ତ ହୋତାଙ୍କୁ ପଚାରିବାରେ କହିଛନ୍ତି, ତହସିଲ ବିଭାଗକୁ ଜମି ମଗାଯାଇଛି। ୫ ହଜାର ଲିଟର କ୍ଷମତା ସମ୍ପନ୍ନ ପ୍ଲାଣ୍ଟ ସ୍ଥାପନ କରିବାକୁ ପ୍ରସ୍ତାବ ଦିଆଯାଇଛି।



ତହସିଲ କାର୍ଯ୍ୟାଳୟ କ୍ୱାର୍ଟରରେ ଚାଲିଥିବା ଆଠମଲ୍ଲିକ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର।

## ପ୍ରଦୂଷଣ ନିରାକରଣ ନିମନ୍ତେ ଦାବିପତ୍ର


ତାଳଚେର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ତାଳଚେର,୨୩।୮(ନି.ପ୍ର.)** ସ୍ଥାନୀୟ ବାଙ୍କଧରା ଛକ ଠାରୁ ପବିତ୍ରମୋହନ ମାର୍ଗ ପର୍ଯ୍ୟନ୍ତ ୫୩ ନମ୍ବର ଜାତୀୟ ରାଜପଥ ଦେଇ ଚଳାଚଳ କରୁଥିବା କୋଇଲା ଟ୍ରକ୍ ଯୋଗୁ ପ୍ରଦୂଷଣ ବଢୁଛି। ଏହାର ନିରାକରଣ ପାଇଁ ଗୁରୁବାର ତାଳଚେର ସ୍ୱାଭିମାନ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରାଯାଇଛି। ସଙ୍ଗଠନ ପକ୍ଷରୁ କୁହାଯାଇଛି ଯେ, ଏହି ରାସ୍ତା ଦେଇ ପ୍ରତ୍ୟହ ହଜାର ହଜାର କୋଇଲା ଟ୍ରକ୍ ଯିବା ଫଳରେ ପ୍ରବଳ ମାତ୍ରାରେ ଧୂଳି ଉଡୁଛି। ଫଳରେ ରାସ୍ତାରେ ଯାଉଥିବା ସାଧାରଣ ଲୋକେ ଅଣନିଃଶ୍ୱାସୀ ହୋଇ ପଡୁଛନ୍ତି। ରାସ୍ତା କଡରେ ଥିବା ଘର, ବସ୍ତି, ଦୋକାନ ବଜାରରେ ଧୂଳିର ଆସ୍ତରଣ ଜମି ରହୁଛି। ତାଳଚେର କଲେଜ, ବସ୍‌ଷ୍ଟାଣ୍ଡ, ଉପଖଣ୍ଡ ଡାକ୍ତରଖାନା, ସଦର ମହକୁମାକୁ ଏହି ରାସ୍ତା ଦେଇ ଯାତାୟାତ କରିବାକୁ ପଡିଥାଏ। ପ୍ରଦୂଷଣ ସହିତ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ନେଇ ବାରମ୍ବାର ଦାବି, ଅଭିଯୋଗ କରାଯାଉଥିଲେ ହେଁ ପ୍ରଶାସନ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ କୌଣସି ପ୍ରତିକାର କରାଯାଉ ନାହିଁ। ଯଦି କୌଣସି ସ୍ଥାୟୀ ପ୍ରତିକାର ଯୋଜନା ଅଛି ତାହାକୁ ସାର୍ବଜନିନ କରିବାକୁ ଦାବି କରାଯାଇଛି। ପ୍ରଶାସନ ଠିକ୍ ପଦକ୍ଷେପ ନ ନେଲେ ସଙ୍ଗଠନ ପକ୍ଷରୁ ପ୍ରତିବାଦ ସ୍ୱରୂପ ଆଗାମୀ ୨୫ ତାରିଖଠାରୁ ରାସ୍ତାରେ ଝାଡୁଧରି ସଫା କରାଯିବ ବୋଲି କୁହାଯାଇଛି। ସଭାପତି ନିରଞ୍ଜନ ପ୍ରଧାନ, ମାନସ ଆଚାର୍ଯ୍ୟ, ଗଦାଧର ସାହୁ, ବିଜୟ ବିଶ୍ୱାଳ, ରିତାରାଣୀ ଦାସ, ପ୍ରଦୀପ ମହାରଣା, ସରପଞ୍ଚ ମନୋଜ ବେହେରା, ଅକ୍ରୁର ସାହୁ, ଆନନ୍ଦ ଅଚାର୍ଯ୍ୟଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ପକ୍କା ରାସ୍ତା ନିର୍ମାଣ ଦାବି

# ମୁଖ୍ୟମନ୍ତ୍ରୀଙ୍କୁ ପଠାଗଲା ଦାବିପତ୍ର

**ବଇଣ୍ଡା,୨୩।୮(ଡି.ଏନ.ଏ.)** କିଶୋରନଗର ବ୍ଲକ ବଇଣ୍ଡା ଛକ ବାଉଁଶ କମ୍ପାନୀଠାରୁ ଶରଧାମୁଣ୍ଡା ଭେଜିଗୋଠ ଦେଇ ପର୍ଶୁମାଳ ପର୍ଯ୍ୟନ୍ତ ୧୯ କିମି ରାସ୍ତାକୁ ପକ୍କା ରାସ୍ତା କରିବା ପାଇଁ ସୋଲଣ୍ଡା ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ଅଭିଯୋଗପତ୍ର ପଠାଯାଇଛି। ଏହାର ନକଲ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ, ଅନୁଗୋଳ ଜିଲାପାଳ, ସମ୍ବଲପୁର ଏମ୍‌ପି, ଆଠମଲ୍ଲିକ ବିଧାୟକଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି, ବଇଣ୍ଡାଠାରୁ କିଶୋରନଗର ପର୍ଯ୍ୟନ୍ତ ଯୋଗାଯୋଗ କରିବାକୁ ଲୋକେ ୫୫ ନଂ. ଜାତୀୟ ରାଜପଥ ଉପରେ ନିର୍ଭର କରୁଛନ୍ତି। ବର୍ତ୍ତମାନ ରାଜପଥ ୪ ଲେନ ବିଶିଷ୍ଟ ରାସ୍ତା ନିର୍ମାଣ କରାଯାଉଥିବାରୁ ସର୍ବଦା ରାସ୍ତା ଜାମ ରହୁଛି। ଫଳରେ ଗ୍ରାମାଞ୍ଚଳ ଲୋକେ ଯାତାୟାତ ପାଇଁ ସୁରକ୍ଷିତ ମନେ କରୁନାହାନ୍ତି। ତେଣୁ ବଇଣ୍ଡା ଛକ ବାଉଁଶ କମ୍ପାନୀଠାରୁ ଶରଧାମୁଣ୍ଡା ଭେଜିଗୋଠ ଦେଇ ପର୍ଶୁମାଳ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ କିମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ପକ୍କା ରାସ୍ତା ନିର୍ମାଣ କରାଯିବାକୁ ସୋଲଣ୍ଡା ଗ୍ରାମ ସଭାପତି ପ୍ରମୋଦ କୁମାର ସାହୁ, ଉପସଭାପତି ଦୟାନିଧି ପ୍ରଧାନ, ସମ୍ପାଦକ ଦିଲୀପ ପ୍ରଧାନ, ଉପେନ୍ଦ୍ର କୁମାର ପ୍ରଧାନ, କିଶୋରଚନ୍ଦ୍ର ସାହୁ, ପବିତ୍ର କୁମାର ପ୍ରଧାନ, ଦିଲୀପ କୁମାର ପ୍ରଧାନ, ତରଣୀସେନ ବିଶ୍ୱାଳ, ବନ ବିହାରୀ ପ୍ରଧାନ, ଅର୍ଜୁନ ସାହୁ ପ୍ରମୁଖ ଦାବି କରିଛନ୍ତି। ଏହାଦ୍ୱାରା ନୁନୁକାପଶି, ଲୁହାମୁଣ୍ଡା, ବିଲେଇନାଳୀ, କଟରଙ୍ଗା, ଉରୁକୁଳା ଆଦି ୬ଟି ପଞ୍ଚାୟତର ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ନାଲ୍‌କୋ ଅନୁସୂଚିତ ଜାତି ଜନଜାତି ସଂଘ ପ୍ରତିଷ୍ଠା ଦିବସ

**ବଣ୍ଟଁରପାଳ, ୨୩।୮(ଡି.ଏନ.ଏ.)** ନାଲ୍‌କୋ ଅନୁସୂଚିତ ଜାତି ଜନଜାତି କର୍ମଚାରୀ ସଂଘର ୩୩ ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଧନେଶ୍ୱର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ନାୟକ ବିବରଣୀ ପାଠ କରିଥିଲେ। ଏଥିରେ ସଂଘର ବିଭିନ୍ନ ସମସ୍ୟା ଓ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା ଏଥିରେ ସଂଘର ଫାଉଣ୍ଡର ସଦସ୍ୟ ତ୍ରୈଲୋକ୍ୟ ନାଥ ବେହେରା, ହୀରାଧର ନାୟକ ଦିବାକର ନାୟକ, ପ୍ରଭାକର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘର ବହୁ କର୍ମମର୍ତ୍ତା ଉପସ୍ଥିତ ଥିଲେ।

## ଝାଡାବାନ୍ତି ଯୋଗୁ ଦିଅର ଭାଉଜ ମୃତ

**ବେତନଟୀ,୨୩।୮(ଡି.ଏନ.ଏ)** ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଉପଯୁକ୍ତ ଚିକିତ୍ସା ସେବା ପାଇ ନ ପାରି ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କଇଁଫୁଲିଆ ଗ୍ରାମର ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ ଦାସ ମାଝୀଙ୍କ ପତ୍ନୀ ଲକ୍ଷ୍ମୀ ମାଝୀ (୩୭) ଓ ତାଙ୍କ ସମ୍ପର୍କୀୟ ଦିଅର ହୁଦାନ ମାଝୀ (୨୭) । ବୈଶିଙ୍ଗା ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ ୩୭/୧୮) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ।

ମୃତକଙ୍କ ପରିବାର ସୂତ୍ରରୁ ପ୍ରକାଶ, ବୁଧବାର ଅପରାହ୍ନରେ ଉଭୟ ଲକ୍ଷ୍ମୀ ଓ ହୁଦାନଙ୍କର ୩, ୪ ଥର ଝାଡାବାନ୍ତି ହୋଇଥିଲା। ଏହାର ଚିକିତ୍ସା ପାଇଁ ସ୍ଥାନୀୟ ଗ୍ରାମର କ୍ୱାକଙ୍କୁ ଡାକି ପରିବାର ଲୋକେ ସେମାନଙ୍କ ଚିକିତ୍ସା କରାଇଥିଲେ ।

# ପ୍ରଶିକ୍ଷଣ, ନିଯୁକ୍ତି ପରାମର୍ଶ ଶିବିର

**ଛେଣ୍ଡିପଦା,୨୩।୮(ସ୍ୱ.ପ୍ର)** ଛେଣ୍ଡିପଦା ପଞ୍ଚାୟତ ସମିତି କଲ୍ୟାଣ ମଣ୍ଡପଠାରେ ଗୁରୁବାର ଜିଲା ଖଣିଜ ପାଣ୍ଠି ଅନୁଗୋଳ ପକ୍ଷରୁ ଧନ୍ଦାମୂଳକ ପ୍ରଶିକ୍ଷଣ ଓ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋମାଞ୍ଚଳ ଖମାରୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ପ୍ରଧାନ, ଓଡ଼ିଶା ଜୀବିକା ମିଶନ ସଂଯୋଜିକା ମାନସୀ ରାଉତ, ଜିଲା ଖଣିଜ ପାଣ୍ଠିର କର୍ମକର୍ତ୍ତା ରବି ସାହୁ, ଜଗଦୀଶ ସାହୁ, ଦେବାଶିଷ ଦାଶ, ଭୁବନେଶ୍ୱର ସିପେଟର ବିଶ୍ୱଜିତ ବେଉରା ପ୍ରମୁଖ ଯୋଗଦେଇ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ସିପେଟ ମାଧ୍ୟମରେ ବେକାର ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ଦିଆଯାଇ କିପରି ନିଯୁକ୍ତି ପ୍ରଦାନ କରାଯିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଛେଣ୍ଡିପଦା ଜୀବିକା ମିଶନ ସଂଯୋଜକ ସଞ୍ଜୟ କୁମାର ସାହୁ, ହିରାଣମୟୀ ପ୍ରଧାନ, ଦକ୍ଷତା ବିକାଶ ସଂଯୋଜକ ସୁବ୍ରତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ୨ ହଜାରରୁ ଊର୍ଦ୍ଧ୍ୱ ବେକାର ଯୁବତୀଯୁବକ ଉପସ୍ଥିତ ଥିଲେ।


ପ୍ରଶିକ୍ଷଣ ଶିବିରରେ ଜେସିଆଇର ସଦସ୍ୟମାନେ।

# ଜେସିଆଇ ଅନୁଗୋଳର ପ୍ରଶିକ୍ଷଣ ଶିବିର

**ତାଳଚେର,୨୩।୮(ନି.ପ୍ର.)** ଜେସିଆଇ ଅନୁଗୋଳ ଶାଖା ପକ୍ଷରୁ ଚାଲିଥିବା ପ୍ରଶିକ୍ଷଣ ଶିବିର ଗୁରୁକୁଳ-୨୦୧୮ ଉଦ୍‌ଯାପିତ ହୋଇଯାଇଛି। ଜୋନ-୯ର ସଭାପତି ଆଶିଷ ଜିଚକର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଜୀବନକୁ ସୁନ୍ଦର ଓ ସୁଦୃଢ ବାତାବରଣ ଭିତରେ ଗଢିତୋଳିବା ସହ କିପରି ପାରିବାରିକ ଓ ସାମାଜିକ ସମ୍ପର୍କ ମଜଭୁତ ହୋଇପାରିବ ସେ ନେଇ ଶିବିରରେ ଗୁରୁତ୍ୱାରୋପ କରାଯାଇଥିଲା। ପୂର୍ବତନ ଜୋନ ପ୍ରେସିଡେଣ୍ଟ ସ୍ୱସ୍ତିକ ଜେନ ଏହାକୁ ପରିଚାଳନା କରିଥିଲେ। ନାଗପୁରର ମୁକେଶ ଆଶାର, ଭୁବନେଶ୍ୱରର ଡ. ବେଦୁଲା ରାମଲକ୍ଷ୍ମୀ, ବରଗଡର ଡି.ମୁରଲୀକ୍ରିଷ୍ଣ ପ୍ରଶିକ୍ଷଣ ପ୍ରଦାନ ଦେଇଥିଲେ। ଶିବିରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ବିକ୍ରମ ଅଗ୍ରୱାଲଙ୍କ ସମେତ ଜେସିଆଇ ସଦସ୍ୟ ସହଯୋଗ କରିଥିଲେ। ସଭାପତି ଆଶିଷ ଅଗ୍ରୱାଲ ଉପସ୍ଥିତ ଥିଲେ।

# ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

**ତାଳଚେର,୨୩।୮(ନି.ପ୍ର)** ତାଳଚେର ବ୍ଲକ କଳମଛୁଇଁ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ପ୍ରଧାନାଚାର୍ଯ୍ୟ ଚର୍ତୁଭୁଜ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଦିବାକର ବାରିକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ ଯୋରଡ଼ା ଶିଶୁ ମନ୍ଦିରର ପ୍ରଧାନଚାର୍ଯ୍ୟ ମାୟାଧର ସାହୁ, ପରିଚାଳନା କମିଟି ଉପସଭାପତି ଭୀମସେନ ସାହୁ, ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୫୭ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଗୋପାଳପ୍ରସାଦ ହାଇସ୍କୁଲ ବିଜ୍ଞାନ ଶିକ୍ଷକ ଝସକେତନ ନାୟକ, କଳମଛୁଇଁ ବାଳିକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ନିରାକର ବାରିକ, ଲୀନାରାଣୀ ଭୂତିଆ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଦମୟନ୍ତୀ ନନ୍ଦ, ମୋନାଲିସା ମହାନ୍ତି, ରବିନ ବରାଳ, କମଳ ଲୋଚନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ୩୬ ଜଣ ବିଧବାଙ୍କୁ ଅଗ୍ରିମ ଭତ୍ତା

**ପାଲଲହଡ଼ା, ୨୩।୮(ଡି.ଏନ.ଏ.)** ମଧୁବାବୁ ଏବଂ ଇନ୍ଦିରା ଗାନ୍ଧୀ ପେନ୍‌ସନ ଯୋଜନାରୁ ବଞ୍ଚିତ ଥିବା ପାଲଲହଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତର ୩୬ ଜଣ ବିଧବା ମହିଳାଙ୍କୁ ବ୍ଲକ ଅଧ୍ୟକ୍ଷ ମୁକେଶ କୁମାର ପାଲ ଗୁରୁବାର ନିଜସ୍ୱ ପାଣ୍ଠିରୁ ଅଗ୍ରିମ ଭତ୍ତା ପ୍ରଦାନ କରିଛନ୍ତି। ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବ୍ଲକର ଝାରବେଡା ପଞ୍ଚାୟତର ୯ ଜଣ, ପେଚମୁଣ୍ଡିର ୧୦ଜଣ, କାରଡାପାଳର ୧୩ ଜଣ, ସଇଡାର ୨ଜଣ ଏବଂ ବରଡ଼ିହ ପଞ୍ଚାୟତର ୨ ଜଣ ବିଧବା ସ୍ତ୍ରୀ ଲୋକଙ୍କୁ ବ୍ଲକ ଅଧ୍ୟକ୍ଷ ପାଲ ନିଜସ୍ୱ ପାଣ୍ଠିରୁ ପ୍ରଥମ ମାସର ଭତ୍ତା ବାବଦ ୩୦୦ ଟଙ୍କା ଲେଖାଏଁ ପ୍ରଦାନ କରିଛନ୍ତି। ସମସ୍ତ କାଗଜ ପତ୍ର କାମ ସରିଲା ପରେ ସେମାନେ ଆସନ୍ତା ମାସରୁ ନିଜ ପଞ୍ଚାୟତରୁ ଭତ୍ତା ପାଇପାରିବେ ବୋଲି ପାଲ ପ୍ରକାଶ କରିଛନ୍ତି। ସେହିପରି ଆଗାମୀ ଦିନରେ ବ୍ଲକର ଯେଉଁ ହିତାଧିକାରୀମାନେ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି ସେମାନଙ୍କ ପାଇଁ ଭତ୍ତା ପ୍ରଦାନର ବ୍ୟବସ୍ଥା କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକର ସାମାଜିକ ସୁରକ୍ଷା ବିଭାଗର ସଂଯୋଜକ ସୁଶାନ୍ତ କୁମାର ସାହୁ, ସାଇଡା ପଞ୍ଚାୟତର ସମିତିସଭ୍ୟ ନବକିଶୋର ନାୟକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।


ବ୍ଲକ ଅଧ୍ୟକ୍ଷ ଭତ୍ତା ପ୍ରଦାନ କରୁଛନ୍ତି।

## ବଣ୍ଟଁରପାଳରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

# ୧୧୦ ସ୍କୁଲରେ ନାହାନ୍ତି ପ୍ରଧାନ ଶିକ୍ଷକ

- ■ବର୍ଷେ ହେଲା ଖାଲି ପଡ଼ିଛି ବିଇଓ ପଦବୀ
- ■୩ ସହକାରୀଙ୍କ ସ୍ଥାନରେ ଅଛନ୍ତି ୨ ଅଧିକାରୀ

**ବଣ୍ଟଁରପାଳ,୨୩।୮ (ଡି.ଏନ୍.ଏ.)** ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଥିବା ନେଇ ରାଜ୍ୟ ସରକାର ପ୍ରଚାର କରୁଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ତାହା ଦେଖିବାକୁ ମିଳୁନାହିଁ। ଅନୁଗୋଳ ଜିଲାର ବଣ୍ଟଁରପାଳ ବ୍ଲକକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଏହି ବ୍ଲକର ଅଧିକାଂଶ ସ୍କୁଲରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବା ବେଳେ ୧୧୦ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଛି। ସେହିପରି ୨୦୧୭ ଅଗଷ୍ଟ ୩୧ରୁ ବ୍ଲକ ଶିକ୍ଷା ଅଧିକାରୀ ଅର୍ଜୁନ ପଟେଲ ଅବସର ନେବା ପରେ ତାଙ୍କ ସ୍ଥାନରେ ଆଜି ପର୍ଯ୍ୟନ୍ତ କାହାକୁ ନିଯୁକ୍ତି ଦିଆଯାଇନାହିଁ। ବର୍ତ୍ତମାନ ଏହି ଦାୟିତ୍ୱ ଜଣେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସମ୍ଭାଳୁଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ଯୋଗୁ ଶିକ୍ଷା ବିଭାଗରେ ବିଭିନ୍ନ ସମସ୍ୟା ଦେଖାଦେଇଛି। ଶିକ୍ଷକମାନଙ୍କ ଦରମା ଠାରୁ ଆରମ୍ଭ କରି ଛୁଟି ମଞ୍ଜୁର କରିବା, ବିଭିନ୍ନ ପ୍ରକାର ଏରିୟର ଉଠାଣରେ ମଧ୍ୟ ଅସୁବିଧା ଉପୁଜୁଛି। ସେହିପରି ବ୍ଲକରେ ୩ ଜଣ ସହକାରୀ ଶିକ୍ଷାଅଧିକାରୀଙ୍କ ସ୍ଥାନରେ ଏଠାରେ ୨ ଜଣ ଅଛନ୍ତି। ପ୍ରକାଶ ଥାଉକି, ବଣ୍ଟଁରପାଳ ବ୍ଲକ ଅଞ୍ଚଳରେ ୯୨ଟି ପ୍ରାଥମିକ ଓ ୬୬ଟି ଉଚ୍ଚ ପ୍ରାଥମିକକୁ ମିଶାଇ ମୋଟ୍ ୧୫୮ ବିଦ୍ୟାଳୟ ରହିଛି। ଏହି ସବୁ ସ୍କୁଲରେ ୨୫ ହଜାରରୁ ଅଧିକ ଛାତ୍ରୀଛାତ୍ର ପଢୁଛନ୍ତି। ପ୍ରାଥମିକ ବିଦ୍ୟାଳୟଗୁଡ଼ିକ ମଧ୍ୟରୁ ୬୦ଟିରେ ପ୍ରଧାନ ଶିକ୍ଷକ ନ ଥିବା ବେଳେ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫୦ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଏହାଦ୍ୱାରା ସ୍କୁଲ ଶିକ୍ଷା ବ୍ୟବସ୍ଥା କିଭଳି ଚାଲିଥିବ ତାହା ସ୍ପଷ୍ଟ ଅନୁମେୟ। ଏସବୁ ସ୍କୁଲରେ ପ୍ରଧାନ ଶିକ୍ଷକଙ୍କ ସ୍ଥାନରେ ସହକାରୀ ଶିକ୍ଷକମାନେ ଦାୟିତ୍ୱରେ ତୁଲାଉଛନ୍ତି। ସେହିପରି ଅନେକ ଶିକ୍ଷାନୁଷ୍ଠାନରେ ଆବଶ୍ୟକତା ଅନୁସାରେ ଶିକ୍ଷକ ନ ଥିବାରୁ କେଉଁଠି ୫ ଶ୍ରେଣୀଙ୍କୁ ୨ ଜଣ ଶିକ୍ଷକ ସମ୍ଭାଳୁଛନ୍ତି ତ ଆଉ କେଉଁଠି ଛାତ୍ରୀଛାତ୍ର ତୁଳନାରେ ଅଧିକ ଶିକ୍ଷକ ନିୟୋଜିତ ହୋଇଛନ୍ତି। ତେଣୁ ବ୍ଲକରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଶିକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ ଅଭିଭାବକ ମହଲରେ ଦାବି ହେଉଛି।



## ଆଜି କ'ଣ କେଉଁଠି

**ଅନୁଗୋଳ**

- ରାଜ୍ୟ ପୋଲିସ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟନ **ସ୍ଥାନ-** ଅନୁଗୋଳ ଷ୍ଟାଡିୟମ, **ସମୟ-** ଅପରାହ୍ନ ୪ ଘଟିକା।

## ୧୩୬ ଶ୍ରମିକଙ୍କୁ ସାମଗ୍ରୀ ବଣ୍ଟନ

**ବଇଣ୍ଡା,୨୩।୮(ଡି.ଏନ.ଏ.):** କିଶୋରନଗର ବ୍ଲକ ଲୁହାମୁଣ୍ଡାଠାରେ ଗୁରୁବାର ଶିବଶକ୍ତି କୋଠାବାଡ଼ି ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଶ୍ରମିକମାନଙ୍କୁ ରାଜମିସ୍ତ୍ରି ସାମଗ୍ରୀ ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ କେ. ସି. ପଟ୍ଟନାୟକ ଯୋଗଦେଇ ଶ୍ରମିକଙ୍କୁ ୨୩ ପ୍ରକାରର ସାମଗ୍ରୀ ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ହେରମ୍ବ ସାମଲ, କୁର୍ଣ୍ଣୀ ନାୟକ, ଗୌତମ ଓଝା, ଦିଲୀପ ବିଶ୍ୱାଳ, ମଳୟ ସାହୁ, ଜଗବନ୍ଧୁ ସ୍ୱାଇଁ, ରୁଦ୍ରମୋହନ ସାହୁ, ମନୋରଞ୍ଜନ ପ୍ରଧାନ, ପ୍ରହ୍ଲାଦ ପ୍ରଧାନ, ରମେଶ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୧୩୬ ଜଣ ଶ୍ରମିକଙ୍କୁ ନିର୍ମାଣ ସାମଗ୍ରୀ ବଣ୍ଟନ କରାଯାଇଥିଲା।

## ରାଶନ କାର୍ଡ ପାଇଁ ଭିଡ଼

**ବଣ୍ଠରପାଳ,୨୩।୮(ଡି.ଏନ.ଏ.):** ବଣ୍ଠରପାଳ ବ୍ଲକ ପରିସରରେ ରାଶନ କାର୍ଡ ବଣ୍ଟନ ଅବସରରେ ଗୁରୁବାର ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଛି। ଲୋକେ ଦରଖାସ୍ତ ଆବେଦନ କରିବା ପାଇଁ ୫୫ ନଂ. ଜାତୀୟ ରାଜପଥଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଲମ୍ବା ଧାଡ଼ିରେ ଛିଡ଼ା ହୋଇଥିଲେ। ଏଥିଯୋଗୁ ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜିଥିଲା।

## ରାଜୀବଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ତାଳଚେର,୨୩।୮(ନି.ପ୍ର.):** ତାଳଚେର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଡେରାସ୍ଥିତ କାର୍ଯ୍ୟାଳୟ ଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜନ୍ମ ବାର୍ଷିକ ସୋମବାର ପାଳିତ ହୋଇଯାଇଛି। ସଭାପତି ହାଡିବନ୍ଧୁ ବିଶ୍ୱାଳ ଏଥିରେ ଅଧକ୍ଷତା କରିଥିଲେ। ଡେରା ପଞ୍ଚାୟତର ପୂର୍ବତନ ସରପଞ୍ଚ ଚୈତନ୍ୟ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଦିଗାମ୍ବର ଗଡନାୟକ, ବିରଞ୍ଚି ନାରାୟଣ ଧର, ସୁବାସଚନ୍ଦ୍ର ପ୍ରଧାନ, ଦାଶରଥି ସାହୁ, ବିମଳ ବେହେରା, ନଗର କଂଗ୍ରେସ ସଭାପତି ମାନସ ବାଇ, ସଞ୍ଜୀବ ନାୟକ, ରାହାସ ପଟ୍ଟନାୟକ, ଶ୍ରମିକ ନେତା ଅରକ୍ଷିତ ପ୍ରଧାନ, ଧୀରେନ କୁମାର ଦାସ, ବିଶ୍ୱନାଥ ସାହୁ, ରୋହିତ ସେଠୀ ପ୍ରମୁଖ ରାଜୀବଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

## ନୂତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ବଇଣ୍ଡା,୨୩।୮(ଡି.ଏନ.ଏ.):** କିଶୋରନଗର ବ୍ଲକ ବଇଣ୍ଡା ଜନତା କଲେଜର ଯୁକ୍ତ ୩ ବର୍ଷ(ରାଜନୀତି ବିଜ୍ଞାନ) ପ୍ରଥମ ବର୍ଷର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ଏ ନେଇ କଲେଜ ପରିସରରେ ଏକ ସଭାରେ ସମ୍ପାଦକ ମିଳନ ସାହୁ ସଭାପତିତ୍ୱ କରିଥିଲେ। ଅତିଥି ଭାବେ କଲେଜ ଅଧକ୍ଷ ବିପିନ ବିହାରୀ ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରମାନେ ଭଲ ପାଠ ପଢି ନିଜର ସ୍ୱତନ୍ତ୍ର ପରିଚୟ ଗଠନ କରିବାକୁ ପରାମର୍ଶ ଦେଇଥିଲେ। ଅଧାପକ କାଳନ୍ଦିଚରଣ ପ୍ରଧାନ, ସୁଧାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମଧୁସ୍ମିତା ନନ୍ଦ ଧନ୍ୟବାଦ ଦେଇଥିଲେ।

### ■ ବିଗିଡ଼ିଲାଣି ଅନୁଗୋଳ ଆଇନଶୃଙ୍ଖଳା ବ୍ୟବସ୍ଥା

# ବଡ଼ ଘଟଣାରେ ମିଳୁନି ପୂର୍ଣ୍ଣ ସଫଳତା

**ଅନୁଗୋଳ ଅଫିସ, ୨୩।୮**

- ■୨ ବ୍ୟାଙ୍କ ଡକାୟତିରେ ଗିରଫଙ୍କ ସଂଖ୍ୟା ୨
- ■୪ ହତ୍ୟାକାଣ୍ଡର ଅଭିଯୁକ୍ତ ଝସକେତନ ଏବେ ବି ଫେରାର
- ■ଲୁଟେରା ଧରାପଡ଼ିଲେ ମିଳୁନି ଟଙ୍କା କି ଗହଣା



ଅନୁଗୋଳରେ ବିଗିଡ଼ିଯାଇଛି ଆଇନ ଶୃଙ୍ଖଳା ପରିସ୍ଥିତି। ଲୁଟ୍ ସାଙ୍ଗକୁ ଚୋରି, ଛାନ୍‌ତାଇ, ଡକାୟତି ଘଟଣା ଏଠାରେ ନିତିଦିନିଆ ହୋଇଯାଇଛି। ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଦୁର୍ବୃତ୍ତମାନେ ଖସିଯାଉଥିବା ବେଳେ ପୋଲିସ କେବଳ ମାମଲା ରୁଜୁ କରି ତଦନ୍ତରେ ସୀମିତ ରହିଯାଉଛି। ଗତ ୬ ମାସ ମଧ୍ୟରେ ହୋଇଥିବା ଦୁଇଟି ବଡ଼ ଧରଣର ବ୍ୟାଙ୍କ ଡକାୟତି ଘଟଣାରେ ପୋଲିସ ସେପରି ସଫଳତା ହାସଲ କରିପାରି ନ ଥିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏହାଛଡ଼ା କୋର୍ଟ ହାଜତ ମଧ୍ୟରୁ ଫେରାର ହତ୍ୟା ଅଭିଯୁକ୍ତ ଝସକେତନ ରାଉତଙ୍କୁ ଏଯାଏ ଗିରଫ କରି ନ ପାରିବା ପୋଲିସର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନୁଗୋଳ ସହରରେ ଆପରାଧିକ କାର୍ଯ୍ୟକଳାପ ବଢ଼ି ଚାଲିଥିବାରୁ ଏ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଛକ ଛକରେ ସଶସ୍ତ୍ର ପୋଲିସ ପଇଁତରା ମାରୁଥିଲେ ବି ଅପରାଧ ରୋକିହେଉ ନାହିଁ। ଲୁଟେରାମାନେ କାହାଠୁ ଟଙ୍କା ତ କାହାଠୁ ଗହଣା ଲୁଟି ଆଖି ପିଛୁଳାକେ ଫେରାର ହୋଇଯାଉଛନ୍ତି। ଏପରି କି ବିଭିନ୍ନ କଲୋନୀରେ ପଶି ଦିନବେଳା ସେମାନେ ଲୁଟ୍‌ପାଟ କରିବାକୁ ଭୟ କରୁନାହାନ୍ତି। ଜୁଲାଇ ୭ରେ ସ୍ପଷ୍ଟ ଦିବାଲୋକରେ ସହରର ଇଣ୍ଡିଆନ୍ ବ୍ୟାଙ୍କରୁ ଡକାୟତି ହେଲା। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଥିଲେ ବି ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କ ନିକଟରେ ଏଯାଏ ପହଞ୍ଚିପାରି ନାହିଁ। ଦୁଇଥର ବିହାର ଯାଇ ଖୋଜାଖୋଜି କରି ଶୂନ୍ୟ ହସ୍ତରେ ଫେରିଛି ପୋଲିସ। ସେହିପରି ଏପ୍ରିଲ ୬ ତାରିଖରେ ଆନ୍ଧ୍ର ବ୍ୟାଙ୍କରୁ ହୋଇଥିବା ଡକାୟତି ଘଟଣାରେ ମଧ୍ୟ ବିଶେଷକରି ଅଗ୍ରଗତି ଦେଖିବାକୁ ମିଳୁନାହିଁ। ଜରପଡ଼ା ଆଇଓସିଏଲ୍ ଡିଜେଲ୍ ଚୋରି ଘଟଣା ହେଉ କି ଆର୍‌ଟିଓ ଅଫିସ ପଛପାଖ ଡକାୟତି ଉଦ୍ୟମ ଅବା କୋଟିପତି ଗ୍ୟାଙ୍ଗ୍‌ର ବିଭିନ୍ନ ଶୋ ରୋମ୍‌ରୁ ଟାୟାର, ପୋର୍ଟସ ଚୋରି ଘଟଣା, ସବୁଥିରେ ପୋଲିସକୁ ଅଧା ସଫଳତା ମିଳିଛି। ବ୍ୟାଙ୍କ ଲୁଟ୍ ସହ ତେଲ ଚୋରି ଘଟଣାରେ ସମ୍ପୃକ୍ତ ଏକାଧିକ ଅପରାଧି ପୋଲିସ ଆଖିରେ ଆଙ୍ଗୁଠି ଗେଞ୍ଜି ରାଜ୍ୟ ବାହାରକୁ ପାର୍ ହୋଇଯାଇଥିବା ବେଳେ କୋଟିପତି ଗ୍ୟାଙ୍ଗ୍‌ରେ ମାଷ୍ଟରମାଇଣ୍ଡ ଧରାପଡୁ ନାହିଁ। ଫଳରେ ପୋଲିସ ଉପରେ ଲୋକମାନଙ୍କ ଥିବା ଭରସା, ଆସ୍ଥା ଓ ବିଶ୍ୱାସ ତୁଟିବାରେ ଲାଗିଛି। ସୂଚନାଯୋଗ୍ୟ ଯେ, ଜରପଡ଼ା ଥାନା କଞ୍ଚୁରା ଶ୍ମଶାନ ନିକଟରେ ଆଇଓସିଏଲ୍ ପାଇପ୍ କାଟି ଡିଜେଲ ଚୋରି ଘଟଣାରେ ପୋଲିସ ମାଷ୍ଟରମାଇଣ୍ଡ ସମେତ ୧୨ ଜଣଙ୍କୁ ଗିରଫ କରିଥିଲା। କିନ୍ତୁ ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଗଲେ। ରାଜ୍ୟ ବାହାରକୁ ସେମାନେ ଚାଲିଯାଇଥିବାରୁ ଫୋନ ଟ୍ରାକିଂ ଚାଲିଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି ଘଟଣାକୁ ୬ ମାସ ପୂରି ଯାଇଥିଲେ ମଧ୍ୟ ସେମାନଙ୍କ ପତ୍ତା ମିଳିପାରି ନାହିଁ। ଏହାର ଠିକ୍ ଦୁଇ ଦିନ ପରେ ଆର୍‌ଟିଓ ପଛପାଖରେ ଡକାୟତି ଯୋଜନା କରୁଥିବା ବେଳେ ୫ ଜଣଙ୍କୁ ଧରାଯାଇଥିଲା। ଅନ୍ୟ ୪ ଜଣ ଖସିଯାଇଥିଲେ। ତା ପରଠାରୁ ଆଉ ସେମାନେ ଧରାପଡ଼ିଲେ ନାହିଁ। ଏପରି ବଡ଼ ବଡ଼ ଅପରାଧରେ ପୋଲିସକୁ ପୂର୍ଣ୍ଣ ସଫଳତା ମିଳିପାରୁ ନ ଥିବାବେଳେ ନିୟମିତ ବ୍ୟବଧାନରେ ବିଭିନ୍ନ ସ୍ଥାନରେ ଟଙ୍କା ଓ ସୁନାଗହଣା ଲୁଟ୍ ହେଉଛି। ଅନେକ ସମୟରେ ଏପରି ଲୁଟେରାଙ୍କୁ ପୋଲିସ ଗିରଫ କରୁଥିଲେ ବି ସୋମନଙ୍କଠାରୁ ଟଙ୍କା କିମ୍ବା ଲୁଟ୍ ସୁନାଗହଣା ଉଦ୍ଧାର ହୋଇପାରୁ ନାହିଁ। ଏହାକୁ ନେଇ ସାଧାରଣରେ ନାନା ପ୍ରଶ୍ନ ଉଠୁଛି। ଏ ସମ୍ପର୍କରେ ଏସ୍‌ଡିପିଓ ହରିହର ପାଣି କହିଛନ୍ତି, ଅପରାଧୀଙ୍କୁ ଧରିବା ପାଇଁ ଚେଷ୍ଟା ଜାରି ରହିଛି। ସହରରେ ଘଟିଥିବା ଘଟଣାରେ ପୋଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଉଛି। ଡକାୟତି ଘଟଣାରେ ପୁଣି ଥରେ ଗୋଟିଏ ଟିମ୍ ରାଜ୍ୟ ବାହାରକୁ ଯିବ ବୋଲି ଏସ୍‌ଡିପିଓ ପାଣି କହିଛନ୍ତି।

### ନେସ୍ ପ୍ରତିଷ୍ଠା ଦିବସ ପାଳନ ପ୍ରସ୍ତୁତି

## ଯୋଗଦେବେ ରାଜ୍ୟସ୍ତରୀୟ କର୍ମକର୍ତ୍ତା




ବୈଠକରେ ଯୋଗ ଦେଇଥିବା ସଂଘର କର୍ମକର୍ତ୍ତାମାନେ।

**ବଣ୍ଠରପାଳ, ୨୩।୮(ଡି.ଏନ.ଏ.)**

ନାଲ୍‌କୋ ଏମ୍ପ୍ଲଇଜ ସଂଘ ନେସ୍‌ର ପ୍ରତିଷ୍ଠା ଦିବସ ପାଳପ ନିମନ୍ତେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ବସିଥିଲା। ସଂଘର ସଭାପତି ଦିଲୀପ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ନିର୍ମଳ ସାମଲ ଆସନ୍ତା ୨୯ ତାରିଖରେ କିପରି ସଙ୍ଘର ପ୍ରତିଷ୍ଠା ଦିବସ ପାଳନ କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଆଇଏନ୍‌ଟିୟୁସିର ରାଜ୍ୟସ୍ତରୀୟ କର୍ମକର୍ତ୍ତା ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ନାଲ୍‌କୋ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଏହି ପ୍ରତିଷ୍ଠା ଦିବସରେ ଆଲୋଚନା କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ବୈଠକରେ କାର୍ଯ୍ୟକାରୀ ସଭାପତି ଭାଦୁରାମ ସରେନ, ଶୁଭେନ୍ଦୁ ବିଶ୍ୱାଳ, ସୁଧାକର ପାଣିଗ୍ରାହୀ, ଗୌରାଙ୍ଗ ବେହେରା, ଆନନ୍ଦ ସାହୁ, ଭାସ୍କର ସେଠୀ, ମନୋଜ ସ୍ୱାଇଁ, ଭବେଶ ସେଠ, ମୁରଲୀ ଧର ପଣ୍ଡା, ପ୍ରଫୁଲ୍ଲ ସେଠୀ, ଅରୂପ ଅମନ୍ତ, ଗୌର ନାୟକ, ଅଟଳ ବିହାରୀ ଷଡଙ୍ଗୀ, ବିକାଶ ପାଲ ପ୍ରମୁଖ ଯୋଗ ଦେଇଥିଲେ।

## ଦେବୁ ବୋଷଙ୍କ ବିୟୋଗରେ ଶୋକ



**ଅନୁଗୋଳ ଅଫିସ, ୨୩।୮**

ବର୍ଷୀୟାନ ଅଭିନେତା ତଥା ନାଟ୍ୟକାର ଦେବୁ ବୋଷଙ୍କ ବିୟୋଗରେ ଅନୁଗୋଳର ସେବା ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ଚନ୍ଦନନଗର ସ୍ଥିତ କଳାକାର ଭବନରେ ଏହି ଶୋକସଭା ଅନୁଷ୍ଠିତ ହୋଇଥିଲା। ସଭାପତି ଭୂପେଶ ଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଏହି ସଭାରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ବିଭୂତି ଭୂଷଣ ମହାପାତ୍ର, ଉପସଭାପତି ବୀରେନ୍ଦ୍ର କୁମାର ପ୍ରଧାନ, ଦେବବ୍ରତ ପଟ୍ଟନାୟକ, ପ୍ରଶାନ୍ତ କୁମାର ରଥ, ସୁଶ୍ରୀ ଅନିତା ସିଂ ଦେଓ, ବିଦେଶୀ ନାଏକ, ପ୍ରଫୁଲ୍ଲ କୁମାର ଦାସ, ଅଜୟ କୁମାର ସାହୁ, ଆର.କେ. ବରାଳ, ଅଜିତ କୁମାର ଧର, ସନ୍ତୋଷ କୁମାର ନାୟକ, ବିପିନ ବିହାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ ଫଟୋଗ୍ରାଫରଙ୍କ ବିୟୋଗରେ ଶୋକ



**ଅନୁଗୋଳ ଅଫିସ, ୨୩।୮**

ଅନୁଗୋଳର ବରିଷ୍ଠ ଫଟୋଗ୍ରାଫର ହରିହର ମହାରଣାଙ୍କ ବିୟୋଗରେ ଫଟୋଗ୍ରାଫର ଆସୋସିଏଶନ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଜିଲା କଳାକେନ୍ଦ୍ର ଠାରେ ଆୟୋଜିତ ସଭାରେ ସଂଘର ବରିଷ୍ଠ ସଦସ୍ୟମାନେ ଯୋଗ ଦେଇଥିଲେ। ସଂଘର ଆଇନ ପରାମର୍ଶଦାତା ଭୁପେଶ ଚନ୍ଦ୍ର ପ୍ରଧାନ, ପ୍ରଦୀପ୍ତ କୁମାର ପୁରୋହିତ, ସମ୍ପାଦକ ସଂଗ୍ରାମ ନାଥ, ଉପଦେଷ୍ଟା ଜୟକୃଷ୍ଣ ପତ୍ର, ଉପସଭାପତି ଅନନ୍ତ କୁମାର ନାୟକ ପ୍ରମୁଖ ସ୍ୱର୍ଗତ ମହାରଣାଙ୍କ ସମ୍ପର୍କରେ ନିଜ ନିଜ ମତ ରଖିଥିଲେ।

## ପିଜୁଳି ତୋଳିବାକୁ ନେଇ ବାପା-ପୁଅ ମଧ୍ୟରେ ଗଣ୍ଡଗୋଳ

**ଛେଣ୍ଡିପଦା,୨୩।୮(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ନୂଆପଡା ଗ୍ରାମରେ ଗଛରୁ ପିଜୁଳି ତୋଳିଦେବାକୁ ନେଇ ବାପାପୁଅଙ୍କ ମଧ୍ୟରେ ଗୁରୁବାର ଗଣ୍ଡଗୋଳ ହୋଇଛି। ବାପା ଘାସି ଭୂତିଆ(୬୨)ଙ୍କ ଟାଙ୍ଗିଆ ଆକ୍ରମଣରେ ପୁଅ ସୁଦାମ(୨୨)ଆହତ ହୋଇଥିବାବେଳେ ପୁଅଙ୍କ ଇଟା ମାଡ଼ରେ ଘାସିଙ୍କ ମୁଣ୍ଡ ଫାଟିଛି। ଏ ନେଇ ଉଭୟ ଘାସି ଓ ସୁଦାମ ଥାନାରେ ଅଭିଯୋଗ କରିଛନ୍ତି। ସାମାନ୍ୟ ଘଟଣାକୁ ନେଇ ବାପା ପୁଅଙ୍କ ମଧ୍ୟରେ ଏଭଳି ଗଣ୍ଡଗୋଳ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ମୁତାବକ, ସୁଦାମ ଗ୍ରାମ ନିକଟରେ ଥିବା ବାଲାଜୀ ଆଶ୍ ଫାକ୍ଟ୍ରିରୁ କାମ ସାରି ଦୁଇ ଜଣ ସାଙ୍ଗଙ୍କୁ ନେଇ ଘରକୁ ଆସିଥିଲେ। ଘରେ ଥିବା ପିଜୁଳି ଗଛ ଦେଖି ୨ ସାଙ୍ଗ ସୁଦାମଙ୍କୁ ପିଜୁଳି ଖାଇବାକୁ କହିଥିଲେ। ଗଛରୁ ପଜୁଳି ତୋଳିବା ପରେ ଘାସି କାହିଁକି ପିଜୁଳି ତୋଳିଲୁ ବୋଲି କହି ସୁଦାମଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ଘରୁ ଏକ ଟାଙ୍ଗିଆ ଆଣି ପୁଅର ହାତକୁ ଆକ୍ରମଣ କରିବା ସହ ଏକ ଇଟାରେ କାନମୁଣ୍ଡା ପାଖକୁ ଛେଚି ଦେଇଥିଲେ। ଫଳରେ ସୁଦାମଙ୍କ ହାତ ଓ କାନ ପାଖରେ ଗଭୀର କ୍ଷତ ହୋଇଥିଲା। ସୁଦାମଙ୍କ ମା' ଉଭୟଙ୍କୁ ରୋକିବାକୁ ଚେଷ୍ଟା କରୁଥିବାବେଳେ ସୁଦାମ ଏକ ଇଟାରେ ଘାସିଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିରେ ଘାସିଙ୍କ ମୁଣ୍ଡ ଫାଟିଯାଇଥିଲା। ପରିବାର ଲୋକେ ଉଭୟ ବାପ, ପୁଅଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା କରାଇଥିଲେ। ପରେ ପୁଅ ବାପାଙ୍କ ନାମରେ ଓ ବାପା ପୁଅଙ୍କ ନାମରେ ଛେଣ୍ଡିପଦା ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

### ବନ୍ତଳା କଲେଜରେ ଛାତ୍ର ଅଶାନ୍ତି

## ନିର୍ବାଚନ ପୂର୍ବରୁ ଗଣ୍ଡଗୋଳ



ବନ୍ତଳା କଲେଜ ନିକଟରେ ଗଣ୍ଡଗୋଳ ଯୋଗୁ ଛାତ୍ରୀଛାତ୍ର ରୁଣ୍ଡ ହୋଇଛନ୍ତି।

**ବନ୍ତଳା,୨୩।୮(ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଳା କଲେଜରେ ଗୁରୁବାର ଛାତ୍ର ଅଶାନ୍ତି ଦେଖିବାକୁ ମିଳିଛି। ଆଗାମୀ ଛାତ୍ର ସଂସଦ ନିର୍ବାଚନରେ ସଭାପତି ପଦକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଫଳରେ କଲେଜ ପରିସରରେ ଚାପା ଉତ୍ତେଜନା ଦେଖାଦେଇଛି। ଖବରପାଇ ବନ୍ତଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି କିଛି ସମୟ ରହି ସେଠାରୁ ପଳାଇ ଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଏବିଭିପି ଛାତ୍ରମାନେ ପୂର୍ବରୁ ବୈଠକ କରି ଜଣେ ଛାତ୍ରଙ୍କୁ ସମ୍ପାଦକ ପ୍ରାର୍ଥୀ ପାଇଁ ମନୋନୀତ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଛାତ୍ର ସଭାପତି ପ୍ରାର୍ଥୀ ହେବା ପାଇଁ କହିଥିଲେ। ହେଲେ ତାଙ୍କୁ ସଭାପତି ପ୍ରାର୍ଥୀ କରା ନ ଯିବାରୁ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିସହ ସେ ଛାତ୍ର କଂଗ୍ରେସ ସଭାପତି ହେବା ନେଇ କଂଗ୍ରେସରେ ମିଶିଥିଲେ। ଏ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର କେତେଜଣ ଛାତ୍ର ଓ ଛାତ୍ର କଂଗ୍ରେସର କର୍ମକର୍ତ୍ତା ଆସି ଧମକ ଦେଇଥିବା ଏବିଭିପିର ଛାତ୍ରମାନଙ୍କୁ ମାରିବା ପାଇଁ ଗୋଡାଇ ଥିଲେ। କିଛି ସମୟ ପାଇଁ କଲେଜ ସମ୍ମୁଖ ରାସ୍ତା ରଣକ୍ଷେତ୍ର ପାଲଟି ଯାଇଥିଲା। ଏହା ପରେ ଅପରାହ୍ନରେ ମଧ୍ୟ କେତେଜଣ ଏବିଭିପିର ଛାତ୍ର କଂଗ୍ରେସ ଛାତ୍ରଙ୍କୁ ମାଡ଼ ମାରିବାକୁ ଗୋଡାଉଥିବା ଦେଖିବାକୁ ମିଳିଥିଲା।

# ମାରଓ୍ୱାଡି ମହିଳାଙ୍କ ତିଜ୍ ପର୍ବ

**ଅନୁଗୋଳ ଅଫିସ,୨୩।୮**

ଅନୁଗୋଳ ମାରଓ୍ୱାଡି ମହିଳା ସମିତି ପକ୍ଷରୁ ଶ୍ରାବଣ ମାସରେ ଧୁମ୍‌ଧାମରେ ତିଜ୍ ପର୍ବ ସ୍ଥାନୀୟ ପଞ୍ଚାୟତ ଧର୍ମଶାଳାରେ ପାଳିତ ହୋଇଯାଇଛି। ଏହି ପର୍ବରେ ମହିଳା ଓ ଶିଶୁମାନେ ଝୁଲା ଖେଳିବା ସହ ସୁସ୍ୱାଦୁ ବ୍ୟଞ୍ଜନର ମଜା ନେଇଥିଲେ। ସମିତି ଅଧକ୍ଷା ମଧୁ ଗୁପ୍ତା, ସମ୍ପାଦିକା କାନ୍ତା ଅଗ୍ରୱାଲ, ପୂର୍ବତନ ଅଧକ୍ଷା ସୁଶିଲା ସାହା, ମୀନା ଅଗ୍ରୱାଲଙ୍କ ସହ ଅନ୍ୟ ମହିଳାମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିବା ସମିତି ପକ୍ଷରୁ କୁହାଯାଇଛି। ତେବେ ଆଗାମୀ ଦିନରେ ସମତି ପକ୍ଷରୁ ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଅଧକ୍ଷା ଗୁପ୍ତା ସୂଚନା ଦେଇଛନ୍ତି।



## କଟରଙ୍ଗ ପରେ ନୂଆଗାଁ, ଚୁଆଁରିରେ ସୁନ୍ଦରୀ

**ବନ୍ତଳା,୨୩।୮(ଡି.ଏନ.ଏ.)**

ସାତକୋଶିଆ ଅଭୟାରଣ୍ୟରେ ଛଡାଯାଇଥିବା ବାନ୍ଧବଗଡର ବାଘୁଣୀ 'ସୁନ୍ଦରୀ' ବୁଧବାର ରାତିରେ ପୁରୁଣାକୋଟ ରେଞ୍ଜ ଚୁଆଁରୀ ଓ ଜିଲିଣ୍ଡା ରେଞ୍ଜ ନୂଆଗାଁ ନିକଟ ପାହାଡରେ ବିଚରଣ କରୁଥିବା ଜଣାଯାଇଛି। ୨ ଦିନ ଧରି ବାଘୁଣୀ କଟରଙ୍ଗ ଗାଁ ସ୍କୁଲ ପାଖ ଡଙ୍ଗିଆ ନିକଟରେ ରହିଥିଲା। ଗୁରୁବାର ସକାଳେ ଅତିରିକ୍ତ ପ୍ରଧାନ ମୁଖ୍ୟ ବନସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ. ସୁଦର୍ଶନ ପଣ୍ଡା, ସାତକୋଶିଆ ଡିଏଫ୍‌ଓ ଏସ୍‌ଏମ୍‌ଡିଟି ରହମାନ ପହଞ୍ଚି ସୁନ୍ଦରୀ ଓ ମହାବଳ ଗତିବିଧି ଉପରେ ନଜର ରଖିଛନ୍ତି। ଅନ୍ୟପକ୍ଷରେ ସୁନ୍ଦରୀ ଆକ୍ରମଣରେ ଆହତ ହୋଇଥିବା ରାଇଗୁଡା ରେଞ୍ଜ୍‌ର ୱାଚର ସୁରେଶ ବେହେରାଙ୍କୁ ଚିକିତ୍ସା ପରେ ଗୁରୁବାର ତାଙ୍କ ଘରକୁ ପଠାଯାଇଥିବା ଜଣାଯାଇଛି।

### ■ ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ ଘଟଣା

# ଜେଆଇଟିପିଏଲ ଫାଟକ ସମ୍ମୁଖରେ ଆନ୍ଦୋଳନ

**କଣିହାଁ, ୨୩।୮(ଡି.ଏନ.ଏ.)-**

କଣିହାଁ ବ୍ଲକ ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥରେ ବୁଧବାର ରାତିରେ ଏକ ଦୁର୍ଘଟଣାରେ ବାଇକ୍ ଚାଳକ ବଜ୍ରକୋଟ ଗ୍ରାମର ସଞ୍ଜୟ କୁମାର ସାହୁଙ୍କ ମୃତ୍ୟୁ ଘଟିଥିଲା। ତେବେ ଟ୍ରକ୍ ଧକ୍କାରେ ସଞ୍ଜୟଙ୍କ ମୃତ୍ୟୁ ହୋଇଥିବା ଜଣାପଡିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ଜେଆଇଟିପିଏଲର ଟ୍ରକ୍ ଧକ୍କାରେ ଏହା ଘଟିଥିବା ଅଭିଯୋଗ କରି କ୍ଷତିପୂରଣ ଦାବିରେ ଗୁରୁବାର ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ସୁନୀଲ ପ୍ରଧାନ, ବଜ୍ରକୋଟର କଂଗ୍ରେସ କାର୍ଯ୍ୟକର୍ତ୍ତା ଫକୀର ସାମଲ, ମୃତକଙ୍କ ପରବାର ଲୋକଙ୍କ ଉପସ୍ଥିତିରେ ଜେଆଇଟିପିଏଲ କର୍ମକର୍ତ୍ତାଙ୍କ ସହ କଣିହାଁ ତହସିଲଦାରଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହାପରେ ରାଜପଥରୁ ମୃତଦେହ ଉଠାଯାଇଥିଲେ ହେଁ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ପୁଣି କଣିହାଁ ସ୍ଥିତ ଡେରେଙ୍ଗ ପଞ୍ଚାୟତରେ ଥିବା ଜେଆଇଟିପିଏଲ ପ୍ରକଳ୍ପର ଫାଟକ ବନ୍ଦ କରାଯାଇ ଆନ୍ଦୋଳନ କରାଯାଇଛି।

ଏ ସମ୍ପର୍କରେ ସମଲ ଥାନା ଆଇଆଇସି ସୁନୀଲ କୁମାର କର କହିଛନ୍ତି, ସଞ୍ଜୟ ତାଳଚେର ଆଡୁ ଏନ୍‌ଟିପିସି ଅଞ୍ଚଳକୁ ଆସୁଥିବାବେଳେ ଏକ ଖାଲରେ ବାଇକ୍ ପଡିଯିବାରୁ ସେ ରାସ୍ତାରେ ଛିଟିକି ପଡିଥିଲେ। ସେହି ସମୟରେ ପଛପଟୁ ଆସୁଥିବା ଏକ କୋଇଲା ବୋଝେଇ ଟ୍ରକ୍(ଓଆର୍ ୧୯ କେ ୭୨୬୫) ତାଙ୍କୁ ଚାପିଦେଇ ପଳାଇଯାଇଥିଲା। ହେଲେ ସ୍ଥାନୀୟ ଲୋକେ ଟ୍ରକ୍‌ର ପିଛା କରିବାରୁ ବଲାଙ୍ଗ ନିକଟ ରାଜପଥରେ ଚାଳକ ଗାଡି ଛାଡି ଫେରାର ହୋଇଯାଇଛନ୍ତି। ଟ୍ରକ୍‌କୁ ଜବତ କରାଯାଇଛି। ଆନ୍ଦୋଳନକାରୀଙ୍କ ସହ ତହସିଲ ଅଫିସ୍‌ରେ ଆଲୋଚନା ପରେ ଅପରାହ୍ନ ୨ଟାରେ ମୃତଦେହ ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ଡାକ୍ତରଖାନା ପଠାଯାଇଥିଲା। ହେଲେ ବ୍ୟବଚ୍ଛେଦ ପରେ ବି ଆନ୍ଦୋଳନକାରୀ ଜେଆଇଟିପିଏଲ ପ୍ରକଳ୍ପ ଫାଟକ ସମ୍ମୁଖରେ ମୃତଦେହ ରଖି ଆନ୍ଦୋଳନ କରିଛନ୍ତି। ଏ ନେଇ ନଂ. ୧୦୬/୧୮ରେ ମାମଲା ରୁଜୁ ହୋଇଛି। ପାଲଲହଡ଼ା ଏସ୍‌ଡିପିଓ ଯଶୋବନ୍ତ ସାମଲ କହିଛନ୍ତି, ଜେଆଇଟିପିଏଲ ତରଫରୁ ୧୦ ଲକ୍ଷ କ୍ଷତିପୂରଣ ଦାବିରେ ଆନ୍ଦୋଳନ ଚାଲିଛି। ଆଲୋଚନା ସତ୍ତ୍ୱେ ସମାଧାନ ହୋଇପାରି ନ ଥିବା ତହସିଲଦାର ଅଂଶୁମାନ ଶତପଥୀ କହିଛନ୍ତି।

## ସଂକ୍ଷେପରେ

### ଦିବ୍ୟାଙ୍ଗ ଛାତ୍ରଙ୍କୁ ଟ୍ରାଇ ସାଇକେଲ



ଭୁବନ, ୨୩।୮ (ଡି.ଏନ୍.ଏ.)-ଭୁବନ ବ୍ଲକ ପ୍ରଶାସନ ପକ୍ଷରୁ ଗଡ଼ନୃସିଂହପ୍ରସାଦ ପଞ୍ଚାୟତିରାଜ ହାଇସ୍କୁଲର ଦିବ୍ୟାଙ୍ଗ ଛାତ୍ର ସତ୍ୟବାନ ସ୍ୱାଇଁଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ୯ମ ଶ୍ରେଣୀରେ ପାଠ ପଢ଼ୁଥିବା ସତ୍ୟବାନ ପୋଲିଓ ଆକ୍ରାନ୍ତ। ସେ ସ୍କୁଲକୁ ଯାତାୟାତ କରିବାରେ ସମସ୍ୟା ଭୋଗୁଥିଲେ। ତାଙ୍କୁ ଏକ ଟ୍ରାଇ ସାଇକେଲ ଯୋଗାଇ ଦେବାକୁ ସେ ବିଡିଓଙ୍କୁ ନିବେଦନ କରିଥିଲେ। ଗୁରୁବାର ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ଜିପିଇଓ ଅଭିରାମ ନାୟକ, ବ୍ଲକ ସାମାଜିକ ସମ୍ପ୍ରସାରଣ ଅଧିକାରୀ ନମିତା ମିଶ୍ରଙ୍କ ଉପସ୍ଥିତିରେ ତାଙ୍କୁ ୩ ଚକିଆ ସାଇକେଲ ପ୍ରଦାନ କରାଯାଇଛି। ଏଥିପାଇଁ ସତ୍ୟବାନ ବ୍ଲକ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ବିଦ୍ୟୁତ୍ ଆଘାତରେ ଯୁବକ ଗୁରୁତର

ଢେଙ୍କାନାଳ ଅଫିସ, ୨୩।୮: ଢେଙ୍କାନାଳ ଜିଲା ଗଁଦିଆ ଥାନା ନେଉଳପୋଇ ଗ୍ରାମର ପ୍ରତାପ ଦାସ (୩୩) ଗୁରୁବାର ପୂର୍ବାହ୍ନରେ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଛନ୍ତି। ଛାତ ଉପରେ କାମ କରୁଥିବାବେଳେ ଅସାବଧାନତାରୁ ଘର ଉପର ଦେଇ ଟଣାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ବିଦ୍ୟୁତ୍ ଆଘାତରେ ତାଙ୍କ ଡାହାଣ ହାତ, ମୁଣ୍ଡ ଏବଂ ଦୁଇ ଗୋଡ଼ରେ ଗଭୀର କ୍ଷତ ହୋଇଛି। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି।

### ମହାବୀର ବଜାର ଲକ୍ଷ୍ମୀପୂଜା କମିଟିର ସାଧାରଣ ବୈଠକ

ଢେଙ୍କାନାଳ ଅଫିସ, ୨୩।୮: ଢେଙ୍କାନାଳ ମହାବୀର ବଜାର ଲକ୍ଷ୍ମୀପୂଜା କମିଟିର ସାଧାରଣ ବୈଠକ ଗୁରୁବାର ସ୍ଥାନୀୟ ହନୁମାନଜୀଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସମ୍ପାଦକ ଜ୍ଞାନେନ୍ଦ୍ର ବେହେରା ଗତବର୍ଷ ପୂଜାର ଆୟ ବ୍ୟୟର ବିବରଣୀ ପାଠ କରିଥିଲେ। ଗତବର୍ଷର କର୍ମକର୍ତ୍ତାମାନେ ଚଳିତବର୍ଷ ପୁନର୍ବାର କାର୍ଯ୍ୟ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଗତବର୍ଷ ଲକ୍ଷ୍ମୀପୂଜାରେ ଶୃଙ୍ଖଳା ରକ୍ଷା ପାଇଁ ମହାବୀର ବଜାରକୁ ପ୍ରଶାସନ ପକ୍ଷରୁ ପ୍ରଥମ ସ୍ଥାନ ଘୋଷଣା କରାଯାଇଥିବାରୁ କର୍ମକର୍ତ୍ତାମାନେ ଖୁସିବ୍ୟକ୍ତ କରିଛନ୍ତି। ଏହି ଅବସରରେ ବିଭିନ୍ନ କମିଟି ଗଠନ କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଛି। ଆଇନଜୀବୀ ଦୀପ୍ତାଂଶ ପ୍ରସାଦ ପଟ୍ଟନାୟକ, ପୂର୍ବତନ କାଉନ୍‌ସିଲର ନାରାୟଣ ଚନ୍ଦ୍ର ରଗଡ, ଉପଦେଷ୍ଟା ଦେବେନ୍ଦ୍ର କୁମାର ସିଂ, କୈଳାସ ଚନ୍ଦ୍ର ମହାପାତ୍ର, ଉପସଭାପତି ଲକ୍ଷ୍ମୀଧର ଦଳେଇ, ଟଙ୍କଧର ବେହେରା, ସହସମ୍ପାଦକ ମିଳନ ସିଂ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପ୍ରେମ କେଡିଆ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ଏଲିମେଣ୍ଟାରି ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

ସାତମାଇଲ, ୨୩।୮ (ଡି.ଏନ୍.ଏ.): ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟରେ ବୁଧବାର ହରିପୁର ରୋଡ୍, କଟକ ଆନୁକୂଲ୍ୟରେ ହିନ୍ଦୋଳ ଶାଖା ନିଖିଳ ଉତ୍କଳ ଏଲିମେଣ୍ଟାରି ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଶିକ୍ଷକ ସୁବାସ ଚନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଭାବେ ସଚିନ ସାହୁ ଯୋଗଦେଇ ସଂଘର ବିଚାରଧାରା ଉପରେ ଆଲୋଚନା କରିଥିଲେ। ସଭାପତି ଭାବେ ସୁବାସ ମିଶ୍ର, ସମ୍ପାଦକ ଦେବବ୍ରତ ନାଥ, କୋଷାଧ୍ୟକ୍ଷ ଭଗବାନ ସାହୁ, ସଂଯୋଜକ କବିରାଜ ନାଏକ, ଯୁଗ୍ମ ସମ୍ପାଦକ ଶ୍ରୀପତି ସାହୁ, ରାଜକିଶୋର ଜେନା, ପ୍ରଫୁଲ୍ଲ ଦେହୁରୀ, ତ୍ରିଲୋଚନ ମିଶ୍ର ଏବଂ ଶିବପ୍ରସାଦ ସାହୁଙ୍କୁ ମନୋନୀତ କରାଯାଇଛି। ସେହିପରି ଉପସଭାପତି ଭାବେ ମାମାଲିମୟୀ ନାୟକ, ନିରଞ୍ଜନ ମାଝି, ଉପଦେଷ୍ଟା କମିଟି ସଦସ୍ୟ ଦିଲୀପ ମହାପାତ୍ର, ରୁଦ୍ରନାରାୟଣ ସାହୁ, ଜଗଦୀଶ ମିଶ୍ର, ପଙ୍କଜ ଲୋଚନ ସାହୁ, ଶ୍ରୀନିବାସ ସେଠୀ, ସଞ୍ଜୟ ମିଶ୍ରଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି।

# ୫୧ ପିଲାଙ୍କୁ ଜଣେ ଶିକ୍ଷକ

ଭାପୁର, ୨୩।୮ (ଡି.ଏନ୍.ଏ.)

### କାଳିକାପ୍ରସାଦ ସେବାଶ୍ରମ ବିଦ୍ୟାଳୟ



ପାଠପଢ଼ା ପ୍ରତି ବିମୁଖ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କୁ ସ୍କୁଲ ମୁହାଁ କରାଇବାକୁ ଆରମ୍ଭ ହୋଇଛି ସେବାଶ୍ରମ ବିଦ୍ୟାଳୟ। ହେଲେ ସ୍କୁଲ ଆରମ୍ଭ ପରେ ଭିତ୍ତିଭୂମିର ବିକାଶ କରିବାକୁ ଭୁଲିଯାଉଛି ଶିକ୍ଷା ବିଭାଗ। ଫେଲ୍ ମାରୁଛି ପରିଚାଳନା ବ୍ୟବସ୍ଥା। ପିଲାଙ୍କ ସୁରକ୍ଷା, ଶିକ୍ଷକ ନିଯୁକ୍ତି ସହ ଆନୁଷଙ୍ଗିକ ଆବଶ୍ୟକତା ପୂରଣ ପାଇଁ କେହି ଆଗ୍ରହୀ ହେଉନାହାନ୍ତି। ଫଳରେ ସେବାଶ୍ରମ ସ୍କୁଲର ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ। ଏହାର ସଦ୍ୟତମ ଉଦାହରଣ ହେଉଛି ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କଳାଙ୍ଗ ପଞ୍ଚାୟତ ଅଧୀନ କାଳିକାପ୍ରସାଦ ସେବାଶ୍ରମ ବିଦ୍ୟାଳୟ। ଏଠାରେ ଦୁଇମାସ ହେଲା ଜଣେ ଶିକ୍ଷକରେ ସ୍କୁଲ ଚାଲିଛି। ଶିକ୍ଷକ ନିଯୁକ୍ତି ଦିଗରେ ପ୍ରଶାସନ ଆନ୍ତରିକତା ଦେଖାଉ ନ ଥିବାବେଳେ ପିଲାମାନଙ୍କ ଭବିଷ୍ୟତ ଅନ୍ଧକାର ହୋଇପଡ଼ିଛି। ଦଳିତ ଓ ଆଦିବାସୀ ପିଲା ପାଠ ପଢ଼ୁଥିବାରୁ ସମସ୍ୟାକୁ ଅଣଦେଖା କରାଯାଉଥିବା ଅଭିଯୋଗ କରିଛନ୍ତି ଅଭିଭାବକ।

ସେବାଶ୍ରମ ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀ ଯାଏ ୫୧ ଜଣ ଛାତ୍ରୀଛାତ୍ର ଅଛନ୍ତି। ଗ୍ରୀଷ୍ମ ଅବକାଶ ପରେ କାର୍ଯ୍ୟରତ ୨ଜଣ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ସେମାନଙ୍କ ସ୍ଥାନରେ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଅଫିସ କାମ, ମଧ୍ୟାହ୍ନଭୋଜନ ସହ ପାଠପଢ଼ା ଦାୟିତ୍ୱ ଜଣେ ଶିକ୍ଷକ ତୁଲାଉଛନ୍ତି। ପାଖାପାଖି ୨ମାସ ହେଲା ଏପରି ଅବ୍ୟବସ୍ଥା ଲାଗିରହିଛି। ସମସ୍ୟା ସମାଧାନ ପାଇଁ ଗୋଟିଏ ପ୍ରକୋଷ୍ଠରେ ପିଲାଙ୍କୁ ବସାଇ ଶିକ୍ଷାଦାନ କରାଯାଉଥିବା ଶିକ୍ଷକ ଦୀନବନ୍ଧୁ ଲେଙ୍କା କହିଛନ୍ତି।

ଅନ୍ୟପଟେ ଶ୍ରେଣୀଗୃହ ମରାମତି ଅଭାବରୁ ବିପଦସଙ୍କୁଳ ହୋଇପଡ଼ିଛି। ଦଦରା ଆଜବେଷ୍ଟସରୁ ବର୍ଷା ହେଲେ ପାଣି ଗଳୁଛି। ଏପରି ସ୍ଥିତିରେ ପିଲାଙ୍କ ସୁରକ୍ଷାକୁ ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ। ସମସ୍ୟା ଗମ୍ଭୀର ହେଉଥିବାରୁ ୧୫ ଦିନ ତଳେ ଶିକ୍ଷା କମିଟି କର୍ମକର୍ତ୍ତା, ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଅସୁବିଧା ଜଣାଇଥିଲେ। ଏଯାଏ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ଡିଡବ୍ଲ୍ୟୁଓ ମାନସ ମିଶ୍ର କୁହନ୍ତି, ଉକ୍ତ ସ୍କୁଲ ପାଇଁ ଅନ୍ୟ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଜିଲା ସଦର ମହକୁମାଠାରୁ ୨୫ କିମି ଦୂରରେ ସେବାଶ୍ରମ ସ୍କୁଲ ଅବସ୍ଥିତ ଥିବାରୁ ସେ କାର୍ଯ୍ୟରେ ଯୋଗଦେବାକୁ ରାଜି ହେଉନାହାନ୍ତି। ଏ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ।

## ଏମାନେ ଯାହା କୁହନ୍ତି...

### ସମସ୍ୟାକୁ ଗୁରୁତ୍ୱ ଦିଆଯାଉନାହିଁ



"ଶିକ୍ଷକ ଏବଂ ଅନ୍ୟ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି। ଗ୍ରାମର ଅଧିକାଂଶ ଲୋକେ ଦିନ ମଜୁରିଆ। ତଥାପି କାମଧାମ ଛାଡ଼ି ପିଲାଙ୍କ ଭବିଷ୍ୟତ ପାଇଁ ଅଧିକାରୀଙ୍କ ପାଖକୁ ଧାଉଁଛୁ। ତଥାପି କେହି ସ୍କୁଲ କଥା ବୁଝୁନାହାନ୍ତି।

–ନିବାସ ଦେହୁରୀ, ଶିକ୍ଷା କମିଟି ସଭାପତି

### ପିଲାଙ୍କ ସୁରକ୍ଷା ଚିନ୍ତା ଘାରୁଛି



"ପଞ୍ଚାୟତର ଏକମାତ୍ର ସେବାଶ୍ରମ ସ୍କୁଲରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢ଼ୁଛନ୍ତି। ଜଣେ ଶିକ୍ଷକ ଏତେସଂଖ୍ୟକ ପିଲାଙ୍କୁ ପଢ଼ାଇବା ଅସମ୍ଭବ। ସୁରକ୍ଷା ପାଚେରି ନାହିଁ। ଗାଁଠାରୁ ଦୂରରେ ଥିବାରୁ ପିଲାମାନଙ୍କ ସୁରକ୍ଷା ଚିନ୍ତା ଘାରୁଛି।

–ପହଲି ଦେହୁରୀ, ଅଭିଭାବକ

### ପ୍ରଶାସନ ଗୁରୁତ୍ୱର ସହ ବିଚାର କରିବା ଜରୁରୀ



"ଦଳିତ, ଆଦିବାସୀ, ପଛୁଆବର୍ଗ ପିଲାଙ୍କ ପାଇଁ ସରକାର ସ୍ୱତନ୍ତ୍ର ସ୍କୁଲ ଖୋଲୁଛନ୍ତି। ହେଲେ ପାରିପାର୍ଶ୍ୱିକ ଅବସ୍ଥା ପ୍ରତି ଦୃଷ୍ଟି ଦେଉନାହାନ୍ତି। ତେଣୁ ସାଧାରଣ ବର୍ଗ ପିଲାଙ୍କ ଠାରୁ ସେମାନେ ପଛରେ ପଡ଼ିଯାଉଛନ୍ତି। ଏହାକୁ ପ୍ରଶାସନ ଗୁରୁତ୍ୱର ସହ ବିଚାର କରିବା ଜରୁରୀ।

–ଚଣିଆ ଜାନି, ଅଭିଭାବକ

## ଗୀତା ଆବୃତ୍ତି ପ୍ରତିଯୋଗିତା

ଅନୁଗୋଳ ଅଫିସ, ୨୩।୮

ଅନୁଗୋଳ ଗାନ୍ଧୀ ମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଜ୍ଞାନ ମିଶନ ତରଫରୁ ଉପଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ସଂଯୋଜକ ଡ.ସିଦ୍ଧିଚରଣ ସାମନ୍ତରାୟ, ଯଦୁନାଥ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପଣ୍ଡା ଓ ଚନ୍ଦ୍ରଶେଖର କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜଗନ୍ନାଥ ବିଶ୍ୱାଳ ସ୍ୱାଗତ ସମ୍ବର୍ଦ୍ଧନା ସହିତ କର୍ତ୍ତବ୍ୟ ଉପରେ ମାର୍ଗ ଦର୍ଶନ କରାଇଥିଲେ। ଅନୁଗୋଳ ଉପଜିଲାସ୍ତରୀୟ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଶତାଧିକ ପ୍ରତିଯୋଗୀ ଏଥିରେ ଅଂଶ ଗ୍ରହଣ କରିଥିଲେ। ପ୍ୟାରୀମୋହନ ରାଉତଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସୁରେଶ ଚନ୍ଦ୍ର ନାଥ, ସମ୍ମାନିତ ଅତିଥି ଭାବେ ଡ. ହୃଷିକେଶ ସାହୁ ଓ ଡ.ଦେବରାଜ ସାହୁ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ତୀର୍ଥବାସୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଫଟୋରେ ଖବର



ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଝାଡ଼ବନ୍ଧ ଗ୍ରାମରେ ଗୁରୁବାର ନିଶା ନିବାରଣ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନିଶା କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଚେତାବନୀ ଦେଇଛନ୍ତି।

## ଚନ୍ଦନେଶ୍ୱର ଶୈବପୀଠରେ ସୁରକ୍ଷା କଡ଼ାକଡ଼ି

ଭୋଗରାଇ, ୨୩।୮ (ଡି.ଏନ.ଏ.)

ଶ୍ରାବଣ ପୂର୍ଣ୍ଣିମା ଉପଲକ୍ଷେ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଚନ୍ଦନେଶ୍ୱରଜୀଉଙ୍କଠାରେ ଲକ୍ଷାଧିକ କାଉଡ଼ିଆଙ୍କ ଜଳାଭିଷେକ କରିବାର ସୂଚନା ମିଳିବା ପରେ ଟ୍ରଷ୍ଟବୋର୍ଡ଼ ଓ ପ୍ରଶାସନ ତତ୍ପର ହୋଇପଡିଛି। ବଙ୍ଗ-ବିହାର-ଝାଡ଼ଖଣ୍ଡ ସମେତ ରାଜ୍ୟରୁ ଲକ୍ଷାଧିକ କାଉଡ଼ିଆ ଜଳାଭିଷେକ କରିବା ପାଇଁ ଆସୁଥିବାରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏଥିସହିତ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର, ପାନୀୟଜଳ, ବିଦ୍ୟୁତ୍ ବ୍ୟବସ୍ଥା, ଅଗ୍ନିଶମ ସେବା, ଗମନାଗମନ, ଆଇନଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରାଯାଇଛି। ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ଡିଜେ ଶବ୍ଦ ପ୍ରଦୂଷଣ ପାଇଁ ପ୍ରଶାସନ ପକ୍ଷରୁ ଅଙ୍କୁଶ ଲଗାଯାଇଛି।

## ପଲିଥିନ ବ୍ୟବହାରକୁ ନା

ଆଠମଲ୍ଲିକ, ୨୩।୮ (ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ସହରର ଏକ ଯୁବଗୋଷ୍ଠୀ ପଲିଥିନ ବ୍ୟବହାର ନ କରିବା ବାର୍ତ୍ତା ନେଇ ଏକ ସଚେତନତା ଅଭିଯାନ ଆରମ୍ଭ କରିଛନ୍ତି। ଯୁବ କଳାକାର ଅବିନାଶ ଷଡଙ୍ଗୀଙ୍କ ରଚନା, ସଂଳାପ ଓ ନିର୍ଦ୍ଦେଶନାରେ ଏହି ସଚେତନତା କାର୍ଯ୍ୟକ୍ରମର ଭିଡିଓ ସୋସିଆଲ ମିଡିଆରେ ଛଡାଯାଇଛି। ପଲିଥିନ ବ୍ୟବହାର ଦ୍ୱାରା କିପରି ପରିବେଶ ପ୍ରଭାବିତ ହେଉଛି ସେ ନେଇ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଶିଶୁ କଳାକାର ଭାବେ ସାନିସା ଓ କଳାକାର ପବିତ୍ର, ଅବିନାଶ ଅଭିନୟ କରୁଛନ୍ତି। ଏହାକୁ ପ୍ରସ୍ତୁତ କରିଛନ୍ତି ସଲମନ୍ ଖାନ୍।

## ସଚ୍ଚୋଟ ହେଲେ ଅପୋଷା ରୁହେନି ପେଟ

***ଯୁକ୍ତ ୨ଯାଏ ପଢ଼ିଛନ୍ତି ପାଠ। ଚାହିଁଥିଲେ ଭଲ ଚାକିରିଟିଏ କରିପାରିଥାନ୍ତେ। ହେଲେ କୌଳିକ ବୃତ୍ତି ମୋହରେ ବାନ୍ଧି ହୋଇଗଲେ ମହେଶ୍ୱର ଗୁରୁ (୪୦)। ଜୋତା, ଚପଲ, ଛତା, ବ୍ୟାଗ ସିଲାଇ କରି ସେ ସାଉଁଟୁଛନ୍ତି ଖୁସି। ଛୁଞ୍ଚ, ସୂତାକୁ ନେଇ ଜୀବନ ସଂଗ୍ରାମ ଚଳାଇଥିବା ମହେଶ୍ୱର କୁହନ୍ତି, ସଚ୍ଚୋଟ ହେଲେ ପେଟ ଅପୋଷା ରୁହେନି।***



**ଦିନକର କାହାଣୀ**
**ମହେଶ୍ୱର ଗୁରୁ**

ଢେଙ୍କାନାଳ ପିଡବ୍ଲୁଡି ରୋଡ ପଛପଟେ ଛୋଟ ପାଲ ଟାଙ୍ଗି ଜୋତା ସିଲାଇ କରନ୍ତି ମହେଶ୍ୱର ଓରଫ୍ ମହିଆ। ନୂଆଶାସନ ଚନ୍ଦନବଜାର ଅଞ୍ଚଳରେ ତାଙ୍କ ଘର। ସ୍ତ୍ରୀ, ଦୁଇ ସନ୍ତାନଙ୍କୁ ନେଇ ତାଙ୍କ ପରିବାର। ବଡ଼ ଝିଅ ଯୁକ୍ତ ୨ରେ ପଢ଼ୁଥିବାବେଳେ ପୁଅ ୬ଷ୍ଠ ଶ୍ରେଣୀର ଛାତ୍ର।

ପିତାଙ୍କ ଦେହାନ୍ତ ପରେ ୨୦ବର୍ଷ ହେଲା ମହେଶ୍ୱର ଆଦରି ନେଇଛନ୍ତି ଏହି ବୃତ୍ତି। ଖୁବ୍ କମ୍ କଥା ହେଉଥିବା ମହେଶ୍ୱରଙ୍କୁ ପଚାରିବାରୁ ସେ ଖୋଲିଥିଲେ ତାଙ୍କ କାହାଣୀ ପେଡ଼ି। ସେ କୁହନ୍ତି, ''ପିଲାଙ୍କୁ ମଣିଷ କରିବାକୁ ପରିଶ୍ରମ କରୁଛି। ପିଲାଟି ଦିନରୁ ନିଜ ଗୋଡ଼ରେ ଛିଡ଼ା ହେବାକୁ ଉଦ୍ୟମ କରିଆସିଛି। କାମରେ ହେଉଥିବା ଭୁଲ୍‌କୁ ସକାରାତ୍ମକ ଭାବେ ନିଏ। ଗ୍ରାହକଙ୍କୁ ଭଲ ବ୍ୟବହାର କଲେ ଯେଉଁଠି ବସିଲେ ରୋଜଗାର ହେବ। ଏହାକୁ ଅନୁଭବ କରିଛି। ଈଶ୍ୱରଙ୍କ ଦୟାରୁ ହାତ କେବେ ଖାଲି ପଡ଼ିନାହିଁ।''

କର୍ମମୟ ଜୀବନ ସମ୍ପର୍କରେ ମହେଶ୍ୱର କୁହନ୍ତି, ଭୋର ୪ଟାରୁ ଉଠି ନିତ୍ୟକର୍ମ ସାରି ଠାକୁରଙ୍କ ପାଇଁ ଫୁଲ ତୋଳିବାକୁ ପଡ଼େ। କିଛିଫୁଲ ମନ୍ଦିରରେ ଦିଅନ୍ତି। ଆଉକିଛି ଫୁଲ ଘରକୁ ଆଣନ୍ତି। ଗାଧୁଆପାଧୁଆ ସାରି ପୂଜାପାଠ ପରେ ଗଣ୍ଡେ ଖାଇଦେଇ ଘରୁ ବାହାରି ପଡ଼ନ୍ତି। ୮ଟାରୁ ଆରମ୍ଭ ହୁଏ କର୍ମମୟ ଜୀବନ। ଅପରାହ୍ନ ୨ଟା ପର୍ଯ୍ୟନ୍ତ ଜୋତା, ଚପଲ, ଛତା, ବ୍ୟାଗ୍ ଆଦି ମରାମତି କରିବାକୁ ପଡ଼େ। ଦ୍ୱିପ୍ରହରର ଖାଇବା ସାରି ଟିକେ ବିଶ୍ରାମ ନେଇ ପୁଣି ସାଢ଼େ ୩ଟା ବେଳକୁ କାମକୁ ଚାଲି ଆସନ୍ତି। ରାତି ୭ଟା ଯାଏ କାମ ଚାଲେ। ଏହା ପରେ ଘରକୁ ଫେରି ପିଲାଙ୍କ କଥା ବୁଝନ୍ତି। ରାତି ବଢ଼େ ପୁଣି ମାନସିକସ୍ତରରେ ଆଉ ଗୋଟିଏ ଦିନ ପାଇଁ ପ୍ରସ୍ତୁତ ହେବାକୁ ପଡ଼େ ବୋଲି ସେ କହିଛନ୍ତି।

–ରିପୋର୍ଟ: ପ୍ରଳୟ ଦାସ, ଢେଙ୍କାନାଳ

## ଆମ ପୋଲିସ ସମିତି ବୈଠକ

ତାଳଚେର, ୨୩।୮ (ନି.ପ୍ର.)




ବୈଠକରେ ଉପସ୍ଥିତ ପୋଲିସ ଓ କର୍ମକର୍ତ୍ତାମାନେ।

ତାଳଚେର ସଦର ଥାନା ପକ୍ଷରୁ ବନ୍ତୁଲ ପଞ୍ଚାୟତ କାର୍ଯ୍ୟାଳୟରେ ଆମ ପୋଲିସ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏସ୍.ଆଇ. ବନାନୀ ବେହେରା, ଗୋଲବଦନ ମାଝି, ସୁଜାତା ଲାକ୍ରା, ସୁଧୀର କୁମାର ମହାନ୍ତି, ମହେଶ୍ୱର ମହନ୍ତ, ବାବୁଲି ପଟ୍ଟନାୟକ, ପ୍ରିୟମାଧବ ସାହୁ, ସରପଞ୍ଚ ଅବନିକାନ୍ତ ଦେହୁରୀ, ବଳରାମ ପତିଙ୍କ ସହ ସଂଘର ସମସ୍ତ କର୍ମକର୍ତ୍ତା ଓ ଲୋକପ୍ରତିନିଧି ଯୋଗ ଦେଇଥିଲେ। ଏଥିରେ ପଞ୍ଚାୟତରେ ବିଭିନ୍ନ ସମସ୍ୟା, ଆଇନଶୃଙ୍ଖଳା ସମ୍ପର୍କରେ ସଭ୍ୟମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଉପରେ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ଉପସ୍ଥିତ ଅଧିକାରୀ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଗ୍ରମାଞ୍ଚଳରେ ବେଆଇନ ମଦ ବିକ୍ରିକୁ ନିରୁତ୍ସାହିତ କରିବା, ଶିଶୁ ଶ୍ରମିକଙ୍କ ଉପରେ ରୋକ୍ ଲଗାଯିବା ପାଇଁ ଆଲୋଚନା ହୋଇଥିଲା।

## ଭୁବନ କଲେଜକୁ ସ୍ୱୟଂଶାସିତ ମାନ୍ୟତା ଦାବି

ଭୁବନ, ୨୩।୮ (ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନସ୍ଥିତ ବାଜି ରାଉତ ସ୍ମୃତି କଲେଜକୁ ସ୍ୱୟଂଶାସିତ ମାନ୍ୟତା ଦାବି କରିଛି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)। ଏ ନେଇ ସେମାନେ ୬ ଦଫା ସମ୍ବଳିତ ଦାବିପତ୍ର କଲେଜ ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ଦାସଙ୍କ ଜରିଆରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଏବଂ ଶିକ୍ଷା ବିଭାଗକୁ ପ୍ରଦାନ କରିଛନ୍ତି। କଲେଜରେ ଅଧ୍ୟୟନରତ ପଛୁଆବର୍ଗ ପିଲାଙ୍କୁ ଠିକ୍ ସମୟରେ ମେଧାବୃତ୍ତି ପ୍ରଦାନ, ଛାତ୍ରାବାସ ସୁବିଧା, ଅଧିକ ନାମଲେଖା ଫି' ଆଦାୟ ବନ୍ଦ, ଖାଲିଥିବା ବିଭିନ୍ନ ବିଭାଗର ପଦବୀ ପୂରଣ, ବାର୍ଷିକ କ୍ୟାଲେଣ୍ଡରକୁ ସାପ୍ତାହିକ ଭାବେ ପ୍ରକାଶ କରିବା, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି।

ଦାବିପତ୍ର ପ୍ରଦାନ ବେଳେ ଏବିଭିପିର ବରିଷ୍ଠ କର୍ମକର୍ତ୍ତା ଜଗବନ୍ଧୁ ସାହୁ, ଗଙ୍ଗାଧର ଗୁରୁ, ଆକାଶ ରାଉତ, ପ୍ରକାଶ ବୈଶାଖ, ରୁଦ୍ରନାରାୟଣ ସାହୁ, ସୁଜାତା ସାହୁ, ରୋଜାଲିନ ସାହୁ, କ୍ଷୀରୋଦିନୀ ପୃଷ୍ଟିଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଦାବିପତ୍ର ପ୍ରଦାନ ଅବସରରେ ଏବିଭିପିର କର୍ମକର୍ତ୍ତାମାନେ।

## ପ୍ରସ୍ତାବିତ ବିଦେଶୀ ମଦ ଦୋକାନ ବନ୍ଦ ଦାବି

# ପ୍ରଶାସନର ଦ୍ୱାରସ୍ଥ ହେଲା ଗ୍ରାମ୍ୟ କମିଟି

ଢେଙ୍କାନାଳ ଅଫିସ, ୨୩।୮



ପ୍ରସ୍ତାବିତ ବିଦେଶୀ ମଦ ଦୋକାନ ବନ୍ଦ ଦାବିରେ ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଗ୍ରାମବାସୀ।

ଭକ୍ତକବି ଦୀନକୃଷ୍ଣ ଦାସଙ୍କ ସାଧନାର ପୀଠ ତଥା ଶରଣ ଶ୍ରୀକ୍ଷେତ୍ର ଏକଘରିଆ ଅଞ୍ଚଳରେ ପ୍ରସ୍ତାବିତ ବିଦେଶୀ ମଦ ଦୋକାନ ବନ୍ଦ କରିବାକୁ ଦାବି ଜୋର୍ ଧରିଛି। ଏ ନେଇ ଦୀନକୃଷ୍ଣ ଗ୍ରାମ୍ୟ କମିଟି କର୍ମକର୍ତ୍ତା ଗୁରୁବାର ଜିଲାପାଳଙ୍କୁ ଲିଖିତ ଦାବିପତ୍ର ଦେଇଛନ୍ତି।

ଗୋକନକେଶ୍ୱର ଶିବମନ୍ଦିରରୁ ନାଧରା ଦେଇ ଯାଇଥିବା ରାସ୍ତା କଡରେ ବିଦେଶୀ ମଦ ଦୋକାନ ଖୋଲିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଉକ୍ତ ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣି ପାଳନ କରାଯାଇଥାଏ। ଏଥିସହ ଶନିବାର ଏବଂ ସୋମବାର ହାଟରେ ବହୁ ଲୋକଙ୍କ ସମାଗମ ହୋଇଥାଏ। ଅଞ୍ଚଳରେ ବହୁ ଶିକ୍ଷାନୁଷ୍ଠାନ ରହିଛି। ଗ୍ରାମରେ ନିଶାମୁକ୍ତ ପରିବେଶ ପାଇଁ ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଉଛି। ଏସବୁ ସତ୍ତ୍ୱେ ବିଦେଶୀ ମଦ ଦୋକାନ ଖୋଲିବାକୁ ସରକାର ମଞ୍ଜୁରୀ ଦେବା ପରିତାପର ବିଷୟ। ମଦ ଦୋକାନ ଖୋଲିଲେ ଏହାର କୁପ୍ରଭାବ ସାମାଜିକ ବ୍ୟବସ୍ଥା ଉପରେ ପଡ଼ିବ। ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ବୋଲି କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ତେଣୁ ତୁରନ୍ତ ପ୍ରସ୍ତାବିତ ବିଦେଶୀ ମଦ ଦୋକାନ ବନ୍ଦ କରିବା ପାଇଁ ଜଗବନ୍ଧୁ ଦଳେଇ, ପୀତବାସ ରାଉତ, ମନୋରଞ୍ଜନ ସ୍ୱାଇଁ, ଶେଷଦେବ ପ୍ରଧାନ, ଖଗେଶ୍ୱର ସାହୁ, ଭଗବାନ ବରାଳ ପ୍ରମୁଖ ବହୁ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## ସଂକ୍ଷେପରେ

### ଆଇନଜୀବୀଙ୍କୁ କଂଗ୍ରେସର ସମର୍ଥନ

**ଢେଙ୍କାନାଳ ଅଫିସ, ୨୩।୮-** ଢେଙ୍କାନାଳର ବିଭିନ୍ନ ସମସ୍ୟା ନେଇ ଓକିଲ ସଂଘ ପକ୍ଷରୁ କରାଯାଇଥିବା ଆନ୍ଦୋଳନକୁ ଜିଲା କଂଗ୍ରେସ ପକ୍ଷରୁ ସମର୍ଥନ କରାଯାଇଛି। ଜିଲାର ସ୍ୱାର୍ଥ ପାଇଁ ଓକିଲଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ପ୍ରୟାସକୁ ସବୁବେଳେ ଦଳ ସମର୍ଥନ କରିବ ବୋଲି ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି। ଜନସାଧାରଣଙ୍କ ବାରମ୍ବାର ଦାବି ସତ୍ତ୍ୱେ ଢେଙ୍କାନାଳ ରେଳଷ୍ଟେଶନରେ ରାଜଧାନୀ ଏକ୍ସପ୍ରେସ୍ ଓ ହମସଫର ଟ୍ରେନ ରହଣି ହୋଇପାରୁନାହିଁ। ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ୟା ବଢ଼ିବାରେ ଲାଗିଛି। ଆଇନଶୃଙ୍ଖଳା, ଶିକ୍ଷା, ରାସ୍ତାଘାଟ, ଜଳଯୋଗାଣ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି । ଜିଲା ପ୍ରଶାସନ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବା ପରିବର୍ତ୍ତେ ବିଜେଡି ଓ ଭାଜପାର ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ମୌଳିକ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଦଳ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଭାପତି ଚେତାବନୀ ଦେଇଛନ୍ତି।

### ଭୂଷଣ ଷ୍ଟିଲ ପକ୍ଷରୁ ସ୍ୱାସ୍ଥ୍ୟସେବା



**ଢେଙ୍କାନାଳ ଅଫିସ, ୨୩।୮-** ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସକୁ ଜଳଲାଗି କରିବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ଭୂଷଣ ଷ୍ଟିଲ ପକ୍ଷରୁ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କରାଯାଇଥିଲା। ଶ୍ରାବଣ ମାସ ପ୍ରତି ରବିବାର ଶିବିର ଖୋଲାଯାଇ ୪୬୭ ମାନସିକଧାରୀ ଶ୍ରଦ୍ଧାଳୁଙ୍କ ଚିକିତ୍ସା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। କ୍ୟାମ୍ପରେ ଡାକ୍ତରଙ୍କ ସମେତ ଫାର୍ମାସିଷ୍ଟ, ପାରାମେଡିକାଲ କର୍ମକର୍ତ୍ତା ଓ ନର୍ସ ସହିତ ଆମ୍ବୁଲାନ୍ସ ବ୍ୟବସ୍ଥା ରହିଥିଲା। କମ୍ପାନୀର ଏପରି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

### ମହିମା କଲେଜରେ ଛାତ୍ର ଅଶାନ୍ତି

**ଢେଙ୍କାନାଳ ଅଫିସ, ୨୩।୮-** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଯୋରନ୍ଦାସ୍ଥିତ ମହିମା ମହାବିଦ୍ୟାଳୟରେ ଗୁରୁବାର ଛାତ୍ର ଅଶାନ୍ତି ଦେଖାଦେଇଛି। ଶିକ୍ଷାନୁଷ୍ଠାନରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ପ୍ରତିବାଦରେ ଛାତ୍ରୀଛାତ୍ର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବାଳକ କମନରୁମ୍, ଶୌଚାଳୟ, ଲାଇବ୍ରେରିରେ ବହି ଅଭାବ, କ୍ୟାଣ୍ଟିନ କାର୍ଯ୍ୟକାରୀ କରିବା, ଅଡିଟୋରିୟମ ନିର୍ମାଣ, ଯାନବାହନ ଷ୍ଟାଣ୍ଡର ସମ୍ପ୍ରସାରଣ, ପାନୀୟ ଜଳ ଯୋଗାଣ, ଖେଳପଡ଼ିଆର ଉନ୍ନତୀକରଣ, ଆନୁଷଙ୍ଗିକ ଶିକ୍ଷା ଉପକରଣ, ଆଲୋକ, କ୍ୟାମ୍ପସରେ ୱାଇଫାଇ ସେବା, ବିଜ୍ଞାନ ଲାବୋରେଟୋରି ଉନ୍ନତୀକରଣ, ଛାତ୍ର ସଂସଦ କାର୍ଯ୍ୟାଳୟ, କଲେଜ ପରିଚାଳନା କମିଟି ଗଠନ ଆଦି ଦାବି ନେଇ ପିଲାମାନେ ଆନ୍ଦୋଳନ କରିଥିଲେ। କଲେଜ ଅଧକ୍ଷ ଅଶୋକ ମିଶ୍ର, ଥାନାଧିକାରୀ ନିରୁପମା ଜେନା, ସରପଞ୍ଚ ପ୍ରଶାନ୍ତ ରାଉତ, ଆତିଣ୍ଡା ଗ୍ରାମ ସଭାପତି ଶରତ ପ୍ରଧାନ, ସାମାଜିକ କର୍ମୀ ଅଭୟ ପାଣି ପ୍ରମୁଖ ଦାବି ପୂରଣ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ବିଜେଡି ଉପସଭାନେତ୍ରୀଙ୍କୁ ସମ୍ବର୍ଦ୍ଧନା

**ଭୁବନ, ୨୩।୮(ଡି.ଏନ.ଏ.)** ଭୁବନ ବ୍ଲକ ଭୁଷଲ କ୍ରିକେଟ କ୍ଲବ ପକ୍ଷରୁ ଶନିବାର ରାଜ୍ୟ ମହିଳା ବିଜୁ ଜନତା ଦଳର ଉପସଭାନେତ୍ରୀ ସାଗରିକା ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଜିଲାର ବିଭିନ୍ନ ଅଞ୍ଚଳରେ ବୁଲି ସେ ଲୋକଙ୍କ ସେବାରେ ବ୍ରତୀ ହେବାକୁ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ଜିଲାର ଯୁବବର୍ଗ, ବରିଷ୍ଠ ନାଗରିକ ବିଜେଡିରେ ସାମିଲ ହୋଇ ବିକାଶ ରଥ ଆଗକୁ ନେବାକୁ ସେ ଆହ୍ୱାନ କରିଥିଲେ। ଏହି ଅବସରରେ ସେ କାମାକ୍ଷାନଗର ଏବଂ ଭୁବନ ବ୍ଲକର ବିଭିନ୍ନ ସ୍ଥାନରେ ଚାରା ରୋପଣ କରିଥିଲେ। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଏପରି ଗୁରୁଦାୟିତ୍ୱ ଦେଇଥିବାରୁ ସେ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

■ ଜିଲାପାଳଙ୍କ ଅସହଯୋଗର ପ୍ରତିବାଦ

# ଜିଲା କାର୍ଯ୍ୟାଳୟ ଘେରିଲା ଓକିଲ ସଂଘ

**ଢେଙ୍କାନାଳ ଅଫିସ, ୨୩।୮**

ସମସ୍ୟା ସମାଧାନ ଦିଗରେ ପ୍ରଶାସନର ବିଫଳତା ପ୍ରତିବାଦରେ ଢେଙ୍କାନାଳ ଜିଲା ଓକିଲ ସଂଘ ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ସଂଘର କର୍ମକର୍ତ୍ତାମାନେ ଆଲୋଚନା କରିବାକୁ ଚାହୁଁଥିବାବେଳେ ଜିଲାପାଳଙ୍କ ଅନୁପସ୍ଥିତି ଯୋଗୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଆଇନଜୀବୀମାନେ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିବା ସମୟରେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ଏପରି କି କାର୍ଯ୍ୟାଳୟ ପରିସରକୁ ଅଣ୍ଡା, ଟମାଟୋ, ପାଣି ପାଉଚ୍ ମାଡ଼ କରାଯାଇଥିଲା। ଏହାକୁ ନେଇ ଘଣ୍ଟାଏ ଧରି ଉତ୍ତେଜନା ଲାଗିରହିଥିଲା। ଜିଲାର ଉନ୍ନୟନ କାର୍ଯ୍ୟକୁ ଅଣଦେଖା କରୁଥିବା ଜିଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ଦାବି କରିଛି।

ଜିଲାପାଳଙ୍କ ଓକିଲଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ, ଜିଲା ଚିକିତ୍ସାଳୟରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ, ପୁରୁଣା ଚିକିତ୍ସାଳୟରୁ ନୂତନ ଚିକିତ୍ସାଳୟକୁ ରକ୍ତଭଣ୍ଡାର ସ୍ଥାନାନ୍ତର, ଶବ ବ୍ୟବଚ୍ଛେଦ ଓ ସଂରକ୍ଷଣ ଗୃହ ନିର୍ମାଣ, ଡ୍ରେନ ଉପରୁ ଜବରଦଖଲ ଉଚ୍ଛେଦ, ଜିଲା ଚିକିତ୍ସାଳୟକୁ ସଂଯୋଗ କରୁଥିବା ରାସ୍ତାର ପ୍ରଶସ୍ତୀକରଣ, ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା, ପୁରୁଣା ଚିକିତ୍ସାଳୟରେ ଦୁଇଜଣ ଡାକ୍ତର ନିଯୁକ୍ତି ଏବଂ ଦୁର୍ଘଟଣାରେ ମୃତ ଆଇନଜୀବୀ ସଞ୍ଜିତ ସାହୁଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ, ପ୍ରଶାସନର ଅସହଯୋଗ ପ୍ରତିବାଦରେ ପୂର୍ବ ନିର୍ଦ୍ଧାରିତ ସମୟରେ ଘେରାଉ କରାଯାଇଥିଲା।







ଓକିଲ ସଂଘର କର୍ମକର୍ତ୍ତା କାର୍ଯ୍ୟାଳୟ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରୁଛନ୍ତି (ବାମ)। ମାଡ଼ ହୋଇଥିବା ଅଣ୍ଡା ଓ ଟମାଟୋ।

ସଦସ୍ୟମାନେ ପୂର୍ବାହ୍ନ ୧୦ଟାରେ ସଂଘ କାର୍ଯ୍ୟାଳୟରୁ ବିଶାଳ ଶୋଭାଯାତ୍ରାରେ ବାହାରି ବାଜିଚୌକଠାରେ ପହଞ୍ଚିଥିଲେ। ସେଠାରୁ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଲୋଚନା କରିବାକୁ ଥିବା ଆଶାୟୀ ଆଇନଜୀବୀମାନେ ଜିଲାପାଳଙ୍କ ଅନୁପସ୍ଥିତିକୁ ସହଜରେ ଗ୍ରହଣ କରିପାରି ନ ଥିଲେ। କେତେଜଣ ଓକିଲ ଫାଟକ ଡେଇଁ ଅଫିସ୍ ଭିତରକୁ ପଶିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଅଟକାଇଥିଲା। ଏହାପରେ ଅଚାନକ ଅଣ୍ଡା, ଟମାଟୋ, ପାଣି ପାଉଚ୍ ମାଡ଼ ହୋଇଥିଲା। ଅତିରିକ୍ତ ଜିଲାପାଳ ଅବନୀକାନ୍ତ ପଟ୍ଟନାୟକ ଆଇନଜୀବୀଙ୍କୁ ବୁଝାଇବା ସତ୍ତ୍ୱେ ସୁଫଳ ମିଳି ନ ଥିଲା। ଏହାପରେ ଅତିରିକ୍ତ ଜିଲାପାଳ ଟେଲିଫୋନ୍‌ରେ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଅଗଷ୍ଟ ୩୦ରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଜିଲା ଗସ୍ତରେ ଆସୁଥିବାବେଳେ ଉକ୍ତ ଦିନ ଆଲୋଚନା ପାଇଁ ନିଷ୍ପତ୍ତି ହୋଇଛି। ସଂଘର କର୍ମକର୍ତ୍ତା ଚାହିଁଲେ ୨୮ ତାରିଖରେ ଜିଲାପାଳଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରିପାରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦିଆଯିବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ଓକିଲ ସଂଘ ସଭାପତି ଶିବସାଇ ମହାପାତ୍ରଙ୍କ ନେତୃତ୍ୱରେ ଉପସଭାପତି ସରୋଜ ପାଢ଼ୀ, ସମ୍ପାଦକ ଟଙ୍କଧର ବେହେରା, ଯୁଗ୍ମ ସମ୍ପାଦକ ଉତ୍ତମ ଦାସ, ପୂର୍ବତନ ସଭାପତି ସଞ୍ଜୟ ମିଶ୍ର, ଦେବାଶିଷ ମିଶ୍ର, ପ୍ରକାଶ ଦାସ, କୃଷ୍ଣଚନ୍ଦ୍ର ସାହୁ, ଦୁର୍ଗାପ୍ରସାଦ ଶତପଥୀ, ପତିତ ପାବନ ମିଶ୍ର, ନବୀନଚନ୍ଦ୍ର ନାରାୟଣ ଦାସ, ସୁବାସିନୀ ମହାକୁଡଙ୍କ ସମେତ ବହୁ ଆଇନଜୀବୀ ବିକ୍ଷୋଭସ୍ଥଳରେ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଅତିରିକ୍ତ ଏସ୍‌ପି ହରେକୃଷ୍ଣ ପ୍ରଧାନ, ଡିଏସ୍‌ପି ଇନ୍ଦ୍ରମଣି ବେହେରା, ପ୍ରଶାନ୍ତ ବିଶୋଇ, ଜିଲା ଜରୁରୀ ଓ ଆପତ୍ତକାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ତହସିଲଦାର ଉଦୟନାଥ ମହାପାତ୍ର, ଟାଉନ ଥାନାଧିକାରୀ ଅଭିନବ ଡାଲୁଆ, କାମାକ୍ଷାନଗର ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ, କଣ୍ଟାବଣିଆ ଥାନାଧିକାରୀ ପ୍ରଦୀପ ପ୍ରଧାନ, ନିହଲପ୍ରସାଦ ଥାନାଧିକାରୀ ଦୀପକ ଜେନାଙ୍କ ସମେତ ଦୁଇ ପ୍ଲାଟୁନ ସଶସ୍ତ୍ର ଫୋର୍ସ ମୁତୟନ ହୋଇଥିଲେ।

■ଅଫିସ ଉପରକୁ ଅଣ୍ଡା, ଟମାଟୋ ମାଡ଼
■ପୋଲିସ ସହ ଧସ୍ତାଧସ୍ତି, ଘଣ୍ଟାଏ ଉତ୍ତେଜନା
■୩୦ରେ ଆଲୋଚନା ପାଇଁ ନିଷ୍ପତ୍ତି

## ଥଇଥାନ ହେଲେ ଉଦ୍ଧାର ମହିଳା

**ଢେଙ୍କାନାଳ ଅଫିସ, ୨୩।୮**

ଢେଙ୍କାନାଳ ଜିଲା ଚିକିତ୍ସାଳୟ ନିକଟରୁ ଗୁରୁବାର ଜଣେ ମାନସିକ ଅସୁସ୍ଥ ମହିଳାଙ୍କୁ ଉଦ୍ଧାର କରାଯାଇଛି। ମହିଳା ଜଣକ ଇତଃସ୍ତତ ହୋଇ ବୁଲୁଥିବା ଦେଖି ଅତିରିକ୍ତ ଜିଲା ଦୌରାଜଜ୍ ଲଲାଟେନ୍ଦୁ ଜେନା ଜିଲା ଆଇନସେବା ପ୍ରାଧିକରଣକୁ ସୂଚନା ଦେଇଥିଲେ। ପ୍ରାଧିକରଣ ସଚିବ ଅରୁଣ ପଟ୍ଟନାୟକ, ଅଧ୍ୟକ୍ଷ ତାରାପ୍ରସାଦ ରଥଙ୍କ ସହ ଆଲୋଚନା କରିବା ପରେ ପାରାଲିଗାଲ ଭଲ୍ୟୁଣ୍ଟିୟର କବିତା ବେହେରାଙ୍କ ସହାୟତାରେ ମହିଳାଙ୍କୁ ଉଦ୍ଧାର କରାଯାଇଥିଲା। ଜିଲା ଚିକିତ୍ସାଳୟ ଡାକ୍ତର ଅଭୟ ଦାସ ମହିଳାଙ୍କ ଚିକିତ୍ସା କରିଥିଲେ। ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାସୁଦେବ ବେହେରା, ଜିଲା ସମାଜ କଲ୍ୟାଣ ଅଧିକାରୀ ଅହଲ୍ୟା ଧଳ, ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ସାମାଜିକ ସୁରକ୍ଷା ଅଧିକାରୀ ବିଷ୍ଣୁଚରଣ ବେହେରାଙ୍କ ସହାୟତାରେ ସମ୍ପୃକ୍ତ ମହିଳାଙ୍କୁ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ପଠାଇ ଦିଆଯାଇଛି।



ମହିଳାଙ୍କୁ ଉଦ୍ଧାର କରାଯିବା ପରେ ଡାକ୍ତରଖାନାକୁ ନିଆଯାଉଛି।

## ଠିକା କମ୍ପାନୀ ମ୍ୟାନେଜରଙ୍କୁ ମାଡ଼

**ଭୁବନ, ୨୩।୮(ଡି.ଏନ୍.ଏ.)**

ଭୁବନ ଏନ୍‌ଏସି ମଧ୍ୟଦେଇ ଗ୍ୟାସ୍ ପାଇପ୍ ଲାଇନ ବିଛାଇବା କାର୍ଯ୍ୟରେ ନିୟୋଜିତ ଠିକାସଂସ୍ଥା ମ୍ୟାନେଜର ଶଶିକୁମାରଙ୍କୁ ମାରପିଟ୍ କରାଯାଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଗଡ଼ଗହମପୁର ଗ୍ରାମର ହରିହର ସ୍ୱାଇଁ ବୁଧବାର ତାଙ୍କୁ ୫୦୦୦ ଟଙ୍କା ଚାନ୍ଦା ମାଗିଥିଲେ। ମନା କରିବାରୁ ନିସ୍ଥୁକ ପିଟିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ନଂ. ୧୫୫/୧୮ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।

## ସୀମାନ୍ତକୁ ପଠାଗଲା ରାଖୀ

**ଭୁବନ, ୨୩।୮(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ସୀମାରେ କାର୍ଯ୍ୟରତ ସୈନିକଙ୍କ ଉଦ୍ଦେଶ୍ୟରେ ଗୁରୁବାର ଡାକଯୋଗେ ରାଖୀ ପଠାଇଛନ୍ତି। କଲେଜର ଏନ୍‌ସିସି କ୍ୟାଡେଟ୍, ଗାଇଡ୍ସ ସ୍ୱେଚ୍ଛାସେବୀଙ୍କ ସମେତ ଛାତ୍ରୀ ରୁତୁପର୍ଣ୍ଣା କଅଁର, ବନ୍ଦନା ଦାସ, ବିନୋଦିନୀ ଗୁରୁ, ପ୍ରିୟସ୍ମିତା ମହାନ୍ତି, ମୋନାଲିସା ଜେନା ପ୍ରମୁଖଙ୍କ ଉଦ୍ୟମରେ ୫୦ଟି ରାଖୀ ପଠାଯାଇଥିଲା।

ଏ ନେଇ ଯୁକ୍ତ ୩ ଛାତ୍ରୀ ବେବିନା ବେହେରା କୁହନ୍ତି, ଭଉଣୀ ନିଜର ସୁରକ୍ଷା ପାଇଁ ଭାଇ ହାତରେ ରାଖୀ ବାନ୍ଧିଥାଏ। ଦେଶମାତୃକା ସେବାରେ ଜୀବନକୁ ବାଜି ଲଗାଇଥିବା ବୀର ସୈନିକଙ୍କ ସୁରକ୍ଷା କାମନା କରିବା ପ୍ରତି ଭାରତୀୟଙ୍କ ନୈତିକ ଦାୟିତ୍ୱ। ସେନାରେ କାର୍ଯ୍ୟରତ ଯବାନଙ୍କ ଉଦ୍ଦେଶ୍ୟରେ ରାଖୀ ପଠାଇଛୁ। ସେହିପରି ଛାତ୍ରୀ ଯାଜ୍ଞସେନୀ ମହାପାତ୍ର କୁହନ୍ତି, ପରିବାରକୁ ପଛରେ ପକାଇ ବୀର ଯବାନମାନେ ଶତ୍ରୁ କବଳରୁ ଆମକୁ ରକ୍ଷା କରିଥାନ୍ତି। ସେମାନେ ଅଛନ୍ତି ବୋଲି ଆମେ ଶାନ୍ତିରେ ଶୋଇପାରୁଛେ। ଦେଶସେବାରେ ବ୍ରତୀ ହୋଇ ସେମାନେ ରାଖୀ ପରି ମହାନ ପର୍ବ ପାଳନ କରିପାରନ୍ତି ନାହିଁ। ତେଣୁ ପ୍ରତିବର୍ଷ କଲେଜର ଛାତ୍ରୀମାନେ ଯବାନଙ୍କ ଉଦ୍ଦେଶ୍ୟରେ ରାଖୀ ପଠାଇଥାଉ।





ଯବାନଙ୍କୁ ରାଖୀ ପଠାଇବା ଅବସରରେ ଏକାଠି ହୋଇଥିବା ଛାତ୍ରୀମାନେ।

■ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ

# 'ଜନପ୍ରତିନିଧିଙ୍କ ପରାମର୍ଶ ଲୋଡ଼'

**ଢେଙ୍କାନାଳ ଅଫିସ, ୨୩।୮**

ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ ଗୁରୁବାର ସଦର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ସରୋଜ କୁମାର ସାମଲ ଏଥିରେ ସଭାପତିତ୍ୱ କରିଥିଲେ। ସରକାରୀ ଯୋଜନା କିପରି ତୃଣମୂଳସ୍ତରରେ ପହଞ୍ଚି ପାରିବ ଏବଂ ଏହାର ସୁଫଳ କିପରି ଲୋକେ ପାଇପାରିବେ ସେଥିପ୍ରତି ନିଷ୍ଠାବାନ ହେବାକୁ ସେ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ସମସ୍ୟାର ସମାଧାନ ପାଇଁ ଜନପ୍ରତିନିଧିଙ୍କ ପରାମର୍ଶ ଲୋଡ଼ିବାକୁ ସେ ଆହ୍ୱାନ କରିଛନ୍ତି।

ଚଳିତ ବର୍ଷ ଜିଲାରେ ସ୍ୱାଭାବିକ ବର୍ଷା ହୋଇଛି। ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ବିହନ ଓ ସାର ଯୋଗାଇ ଦିଆଯାଇଛି। ପୋକ ପ୍ରାଦୁର୍ଭାବ ଅଞ୍ଚଳର ତଥ୍ୟ ସଂଗ୍ରହ କରି ଏହାକୁ ଦମନ କରିବାକୁ ପଦକ୍ଷେପ ନିଆଯାଉଛି। ଚାଷୀଙ୍କୁ ସଚେତନ କରାଇବାକୁ ସମ୍ପର୍କ ମେଳା ଆୟୋଜନ କରାଯାଉଛି। ଜିଲାରେ କୃଷି ଉତ୍ପାଦନ ବଢ଼ିଥିବା ସୂଚନା ଦିଆଯାଇଥିଲା। ଆୟୁଷ ମିଶନ ମାଧ୍ୟମରେ ଆରମ୍ଭ ହୋଇଥିବା ଔଷଧୀୟ ବୃକ୍ଷ ଚାଷ ଅଗଷ୍ଟ ୩୧ ସୁଦ୍ଧା ଶେଷ କରାଯିବ ବୋଲି ଉଦ୍ୟାନ ବିଭାଗ ପକ୍ଷରୁ କୁହାଯାଇଛି।



ବୈଠକରେ ବିଧାୟକ ସରୋଜ କୁମାର ସାମଲଙ୍କ ସମେତ ଅନ୍ୟମାନେ।

ଆଲୋଚନରେ ଜିଲା ମୁଖ୍ୟ ଚିକିତ୍ସାଳୟର ଉନ୍ନତୀକରଣକୁ ଗୁରୁତ୍ୱ ଦିଆଯାଇଛି। ସୁରକ୍ଷା ଦୃଷ୍ଟିରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପୋଲିସ ଆଉଟପୋଷ୍ଟ, ଅଧିକ ପୋଲିସ କର୍ମଚାରୀ ମୁତୟନ, ଉଜ୍ଜ୍ୱଳ ଆଲୋକ, ସିସିଟିଭି ବ୍ୟବସ୍ଥା ସହ ଶଯ୍ୟା ସଂଖ୍ୟା ୩୦୦କୁ ବୃଦ୍ଧି କରିବା ପାଇଁ ଆଲୋଚନା କରାଯାଇଛି। ଜିଲା ଚିକିତ୍ସାଳୟରେ ୟୁଜର୍ସ ଫି ଛାଡ଼, ଉପଲବ୍ଧ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହାବାଦ୍ ମୋବାଇଲ ଭେଟେରିନାରୀ ୟୁନିଟର କାର୍ଯ୍ୟକାରିତା, ପଶୁପାଳନ, ପ୍ରତିଷେଧକ ବ୍ୟବସ୍ଥା, ମତ୍ସ୍ୟଚାଷ ପାଇଁ ନୂତନ ପୋଖରୀ ଖୋଳା ଯୋଜନା, ଚାରାରୋପଣ, ଜଳସେଚନ, ଶିକ୍ଷା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ବିଜୁ ସେତୁ, ଆଶ୍ରମ ସ୍କୁଲରେ ସୌରଚାଳିତ ଜଳଯୋଗାଣ ବ୍ୟବସ୍ଥା, ଚେକ୍‌ଡ୍ୟାମ୍ ନିର୍ମାଣ ଆଦି ବିଷୟରେ ସମୀକ୍ଷା କରାଯାଇଥିଲା। କପିଳାସ ପୀଠ ପାଦଦେଶରୁ ମନ୍ଦିର ପର୍ଯ୍ୟନ୍ତ ପାଇପ ଦ୍ୱାରା ଜଳଯୋଗାଣ, ପୌରାଞ୍ଚଳର ଆନନ୍ଦନଗର, ମିନାବଜାର, କାଞ୍ଚନ ବଜାର ଏବଂ ଦକ୍ଷିଣ କୁଞ୍ଜକାନ୍ତ ଅଞ୍ଚଳରେ ଥିବା ପାନୀୟ ଜଳ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ନଗରପାଳ ସୁଧାଂଶୁ କୁମାର ଦଳେଇ, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଉପଜିଲାପାଳ ପୀତାମ୍ବର ସାମଲ, ବ୍ଲକ ଅଧକ୍ଷା ପଦ୍ମିନୀ ନାୟକ, ଗଁଦିଆ ବ୍ଲକ ଅଧକ୍ଷା ଗୀତାଞ୍ଜଳି ଭୂୟାଁ, ବିଧାୟକଙ୍କ ପ୍ରତିନିଧି ରଜତ କର, ଯୋଜନା ଓ ସମନ୍ୱୟ ବିଭାଗ ଉପନିର୍ଦ୍ଦେଶକ ସରୋଜ କୁମାର ସେଠୀ, ଜିଲା କୃଷି ଉପନିର୍ଦ୍ଦେଶକ ଛବୀନ୍ଦ୍ର ବେହେରା, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଦିଗମ୍ବର ପଣ୍ଡା, ବିଡିଓ ସରୋଜ କୁମାର ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା



ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ dklselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର



@ ବୁଲୁ



@ଗୋବର୍ଦ୍ଧନ



@ଲିଟୁନ୍

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | dklselfie@gmail.com (ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ-ଅନୁଗୋଳ, ଶୁକ୍ରବାର, ଅଗଷ୍ଟ ୨୪ /୨୦୧୮ Dhenkanal-Angul, Friday, August 24 / 2018

## ସଂକ୍ଷେପରେ

### ଷଣ୍ଢ ଆକ୍ରମଣରେ ଜଣେ ମୃତ

ବଅଁରପାଳ, ୨୩।୮ (ଡି.ଏନ.ଏ.)- ନାଲ୍କୋ ଟାଉନଶିପ୍ ପରିବା ମାର୍କେଟରେ ଷଣ୍ଢ ଆକ୍ରମଣରେ ସେହି ଅଞ୍ଚଳର ବିଷ୍ଣୁ ସେଠୀ(୫୦)ଙ୍କ ଗୁରୁବାର ମୃତ୍ୟୁ ଘଟିଛି। ମଙ୍ଗଳବାର ସେ ମାର୍କେଟରୁ ଜିନିଷ କିଣୁଥିବାବେଳେ ଏକ ଷଣ୍ଢ ତାଙ୍କୁ ଆକ୍ରମଣ କରିଥିଲା। ତାଙ୍କୁ ପ୍ରଥମେ ସ୍ଥାନୀୟ ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏଥିଯୋଗୁ ଗୁରୁବାର ମାର୍କେଟର ସମସ୍ତ ଦୋକାନ ବନ୍ଦ ରହିଥିଲା।

### ଲିପିସିତା ପାଇବେ ମୁଖ୍ୟମନ୍ତ୍ରୀ ସାହିତ୍ୟ ବୃତ୍ତି



ଛେଣ୍ଡିପଦା, ୨୩।୮ (ଡି.ଏନ.ଏ.)- ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମର ଲିପିସିତା ବେହେରା ମୁଖ୍ୟମନ୍ତ୍ରୀ ସାହିତ୍ୟ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଗତ ମାଟ୍ରିକ ପରୀକ୍ଷାରେ ଓଡ଼ିଆ ଭାଷା ସାହିତ୍ୟ ବିଷୟରେ ସର୍ବୋଚ୍ଚ ନମ୍ବର ରଖି ଅନୁଗୋଳ ଜିଲାରେ ଟପ୍ପର ହୋଇଥିଲେ। ଲିପିସିତା କାଞ୍ଚନ ବେହେରା ଓ ଆମୋଦ ଚନ୍ଦ୍ର ବେହେରାଙ୍କ କନ୍ୟା। ପାଲଲହଡା ବ୍ଲକ ଓଡ଼ଶ ଆଞ୍ଚଳିକ ବାଳିକା ଉଚ୍ଚ ବିଦ୍ୟାଳୟରେ ସେ ପାଠ ପଢୁଥିଲେ।

## ଆଜିଠାରୁ ପୋଲିସ ଫୁଟ୍‌ବଲ ମହାକୁମ୍ଭ

# ୮ ପଡ଼ିଆରେ ହେବ ୬୦ ମ୍ୟାଚ

ଅନୁଗୋଳ ଅଫିସ, ୨୩।୮-

୭୭ ତମ ରାଜ୍ୟ ପୋଲିସ ଫୁଟ୍‌ବଲ ପ୍ରତିଯୋଗିତା-୨୦୧୮ ଶୁକ୍ରବାରଠାରୁ ଅନୁଗୋଳ ଷ୍ଟାଡିୟମରେ ଆରମ୍ଭ ହେବ। ଏହା ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଅଂଶ ଗ୍ରହଣ କରୁଥିବା ୪୬ଟି ଦଳକୁ ୧୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଅନୁଗୋଳ ଷ୍ଟାଡିୟମ ସମେତ ୮ଟି ପଡ଼ିଆରେ ଏହି ସମସ୍ତ ମ୍ୟାଚ ଖେଳାଯିବ। ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ଆରକ୍ଷୀ ବାହିନୀ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ମନୋଜ କୁମାର ଛାବ୍ରା ମୁଖ୍ୟଅତିଥିଭାବେ ଯୋଗ ଦେଇ ଷ୍ଟାଡିୟମରେ ଅପରାହ୍ନ ୪ଟାରେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବେ।

ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ ଅନୁଗୋଳ ଜିଲା ପୋଲିସ ଓ ୨ୟ ଆଇଆରବି ରାୟଗଡ଼ା ମଧ୍ୟରେ ଖେଳାଯିବ। ଓଏସ୍‌ପି ବାଟାଲିୟନର ୭ଟି, ଆଇଆରବିର ୮, ଏସ୍‌ଏସ୍‌ବିଏନ୍‌ର ୨, ଓଡ଼ିଶା ଅଗ୍ନିଶମର ଗୋଟିଏ ଦଳ, ପିଟିସି ଅନୁଗୋଳ ଦଳ, କମିଶନ୍‌ରେଟ୍ ପୋଲିସର ଦୁଇଟି ଦଳ, ଜିଆରପି ରାଉରକେଲା ଓ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ ଦଳ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାରେ



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

ସମୁଦାୟ ୬୦ଟି ମ୍ୟାଚ ଖେଳାଯିବାକୁ ଥିବାବେଳେ ୯୫୦ଜଣ ଖେଳାଳି, କୋଚ ଓ ଅଫିସିଆଲ ଯୋଗ ଦେଇଛନ୍ତି ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଅନୁଗୋଳର ୪ଟି ପଡ଼ିଆ ଅନୁଗୋଳ ଷ୍ଟାଡିୟମ, କଦମପଡ଼ିଆ, ପିଟିସି ଛକରେ ଥିବା ପଡ଼ିଆ, ଶିବା ଫିଲ୍ଡ ସମେତ ଏଫ୍‌ସିଆଇ ପଡ଼ିଆ, ବ୍ଲାକ ଡାଇମଣ୍ଡ ସାଉଥ୍‌ବଲଣ୍ଡା, ଡେରା ଫୁଟବଲ ଗ୍ରାଉଣ୍ଡ ଓ ନାଲ୍‌କୋ ସ୍ଥିତ ବିଜୁ ପଟ୍ଟନାୟକ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ମ୍ୟାଚ ଅନୁଷ୍ଠିତ ହେବ। ଶ୍ରେଷ୍ଠ ୪ଟି ଦଳ ମଧ୍ୟରେ ସେମିଫାଇନାଲ ଖେଳାଯିବ। ସେମିଫାଇନାଲ ମ୍ୟାଚରେ ପରାଜିତ ହୋଇଥିବା ଉଭୟ ଦଳ ମଧ୍ୟରେ ତୃତୀୟ ସ୍ଥାନ ପାଇଁ ମ୍ୟାଚ ଖେଳାଯିବ। ଫାଇନାଲ ମ୍ୟାଚ ଅନୁଗୋଳ ଷ୍ଟାଡିୟମରେ ଆୟୋଜନ କରାଯିବ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ରାଜେନ୍ଦ୍ର ପ୍ରସାଦ ଶର୍ମା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ତାଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଡିସିନାଲ ଏସ୍‌ପି ଯଦୁନାଥ ହାଁସଦା ଓ ସନ୍ତୋଷ ମିଶ୍ର ଉପସ୍ଥିତ ଥିଲେ।

# ଆଦର୍ଶ କଲେଜ ଅଫ୍ ଇଞ୍ଜିନିୟରିଂ ପୁରସ୍କୃତ

ଅନୁଗୋଳ ଅଫିସ, ୨୩।୮-

ଅନୁଗୋଳର ଶିକ୍ଷାବିତ୍ ତଥା ଆଦର୍ଶ ଅନୁଷ୍ଠାନ ସମୂହର ଅଧ୍ୟକ୍ଷ ମହେଶ ଚନ୍ଦ୍ର ଧଳଙ୍କୁ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଦ୍ୱାଦଶ ବିଶ୍ୱ ଶିକ୍ଷା ସମ୍ମିଳନୀରେ ପୁରସ୍କୃତ କରାଯାଇଛି। ବୈଷୟିକ ଶିକ୍ଷା କ୍ଷେତ୍ରରେ ନୂତନତା ତଥା ଅଭିନବ ଉପାୟରେ ଶିକ୍ଷା ପ୍ରଦାନର ଉତ୍କର୍ଷତାକୁ ବିଚାର କରି ଧଳଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଶିକ୍ଷାବିତ୍ ଧଳ ଜମି ଅଧିଗ୍ରହଣରେ କ୍ଷତିଗ୍ରସ୍ତ ଏବଂ ନିମ୍ନ ମଧ୍ୟବିତ୍ତ ପରିବାରର ଛାତ୍ରୀଛାତ୍ରମାନଙ୍କୁ ବୈଷୟିକ ଶିକ୍ଷା ପ୍ରଦାନ ପାଇଁ ୨୦୦୯ରେ



ଆଦର୍ଶ ବୈଷୟିକ ଶିକ୍ଷାନୁଷ୍ଠାନକୁ ପୁରସ୍କାର ପ୍ରଦାନ କରାଯାଉଛି।

ଅନୁଗୋଳଠାରେ ଆଦର୍ଶ କଲେଜ ଅଫ୍ ଇଞ୍ଜିନିୟରିଂ ପ୍ରତିଷ୍ଠା କରିଥିଲେ। ଧଳଙ୍କୁ ମିଳିଥିବା ଏହି ପୁରସ୍କାରକୁ ଅନୁଷ୍ଠାନର ତାଲିମ ଏବଂ ନିଯୁକ୍ତି ନିର୍ଦ୍ଦେଶକ ଡକ୍ଟର ଧରଣୀ ଧର ନାଥ ଅତିଥି ଏଆଇସିଟି ନିର୍ଦ୍ଦେଶକ ଡ. ଏମ୍.ଏସ୍. ମାନା ଏବଂ ଦୁବାଇସ୍ଥିତ କମିଟି ଫର୍ ହାପିନେସ୍ ନିର୍ଦ୍ଦେଶକ ରାଲଫ୍ ବ୍ରେନରଙ୍କଠାରୁ ଗ୍ରହଣ କରିଥିଲେ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ